ବର୍ଷ-୨୫, ସଂଖ୍ୟା-୧୯୫
ଭୁବନେଶ୍ୱର
୨୨, ଜୁଲାଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 195
Bhubaneswar
22, July, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଚର୍ଚ୍ଚାରେ ଗାୟିକା ନାୟିକା ଅନୀତ



## ସିବିଏସ୍‌ଇର କଡ଼ା ନିୟମ

ନୂଆଦିଲ୍ଲୀ, ୨୧।୭(ମହାଭାରତ): ଶିକ୍ଷାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବଡ଼ ପଦକ୍ଷେପ ନେଇଛି ସିବିଏସ୍‌ଇ। ବୋର୍ଡ ପକ୍ଷରୁ ତାର ନିୟମରେ କିଛି ସଂଶୋଧନ କରାଯାଇଛି। ସ୍କୁଲରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ସିବିଏସ୍‌ଇ ଉଦ୍ୟମ କରିଛି। ସ୍କୁଲର କେଉଁ ସବୁ ସ୍ଥାନରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ, ତାର ତାଲିକା ସିବିଏସ୍‌ଇ ଜାରି କରିଛି। ସିବିଏସ୍‌ଇ ଦ୍ୱାରା ଅନୁବନ୍ଧିତ ସ୍କୁଲଗୁଡ଼ିକ ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ। ରିୟଲ ଟାଇମ ଅଡିଓ ଓ ଭିଜୁଆଲ ମଧ୍ୟ ଏଥିରେ ରହିବ। ସ୍କୁଲର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ, ଲବି, କରିଡର, ପାହାଚ, କ୍ଲାସରୁମ, ଲ୍ୟାବ , ଲାଇବ୍ରେରୀ, କ୍ୟାଣ୍ଟିନ, ଷ୍ଟୋର ରୁମ, ଖେଳ ପଡ଼ିଆ। ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ କରିଛି ସିବିଏସ୍‌ଇ। ପ୍ରତିଟି ସିସିଟିଭିରେ ଅତ୍ୟାଧୁନିକ ଯନ୍ତ୍ରପାତି ଖଞ୍ଜା ଯିବ। ଅତିକମରେ ୧୫ ଦିନର ଭିଡିଓ ସଂରକ୍ଷିତ ରଖିବା ଭଳି ବ୍ୟବସ୍ଥା ହେବ ସମାନ ଅବଧିର ବ୍ୟାକଅପକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି । ସମସ୍ତ ଅନୁବନ୍ଧିତ ସ୍କୁଲ ଏହି ନିୟମକୁ ପାଳନ କରିବାକୁ ବାଧ ବୋଲି ସିବିଏସ୍‌ଇ କହିଛି।

# ସଂସଦରେ ପ୍ରବଳ ହଟ୍ଟଗୋଳ

ନୂଆଦିଲ୍ଲୀ, ୨୧।୭(ମହାଭାରତ): ଆଜିଠୁ ଆରମ୍ଭ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଗୃହ ସରଗରମ ହୋଇଥିବା ବେଳେ ବିରୋଧୀ ଦଳ ପ୍ରବଳ ହୋହଲ୍ଲା କରିଛନ୍ତି। ଫଳରେ ଆସନ୍ତାକାଲିଯାଏଁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି। ତେବେ ଆଜି ସଂସଦରେ ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମାହୂତି ଘଟଣା ଉଠିଛି। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ସୋମବାର ଦିନ ସଂସଦରେ ଏହି ପ୍ରସଙ୍ଗ ଉଠାଇ ତୁରନ୍ତ ଆଲୋଚନା ପାଇଁ ଦାବି କରିଛନ୍ତି। ଛାତ୍ରୀଙ୍କ ଆତ୍ମାହୁତି ଘଟଣା ରାଜ୍ୟରେ ରାଜନୈତିକ ଝଡ଼ ସୃଷ୍ଟି କରିଥିବାବେଳେ ଏହାକୁ ସଂସଦରେ ଉଠାଯାଇଛି। ବିଜୁ ଜନତା ଦଳ ମଧ୍ୟ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେଉଛି।

ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ ସରଗରମ ହୋଇଥିବା ବେଳେ ବିରୋଧୀ ଦଳ ମଧ୍ୟରେ ଦେଖା ଦେଇଛି ଅସନ୍ତୋଷ। ପହଲଗାମ ଆକ୍ରମଣ, ଅପରେନସ ସିନ୍ଦୂର ଓ ଯୁଦ୍ଧବିରତି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଉପରେ ବିରୋଧୀ ଆଲୋଚନା ପାଇଁ ଅଡ଼ି ବସିଛନ୍ତି। ହଟ୍ଟଗୋଳ ଯୋଗୁ ପ୍ରଥମେ ଉଭୟ ଲୋକସଭା ଓ ରାଜ୍ୟସଭା ଦିନ ୧୨ଟା ଯାଏଁ ମୁଲତବୀ କରାଯାଇଥିଲା। ଏହାପରେ ଗୃହ ଆରମ୍ଭ ହୋଇଥିଲେ ବି ସ୍ୱାଭାବିକ ହୋଇପାରି



ନଥିଲା ଫଳରେ ଲୋକସଭାକୁ ଦିନ ଦୁଇଟା ଯାଏଁ ଓ ପରେ ଆସନ୍ତାକାଲି ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା।

ସେପଟେ ରାଜ୍ୟସଭାରେ ମଧ୍ୟ ବିରୋଧୀ ସମାନ ପ୍ରସଙ୍ଗରେ ଆଲୋଚନା ଦାବି କରିଛନ୍ତି । କଂଗ୍ରେସ ସାଂସଦ କେ.ସି ବେଣୁଗୋପାଲ ଓ ରଣଦୀପ ସୁରଜେୱାଲା ଅପରେସନ ସିନ୍ଦୂର ଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ-ପାକିସ୍ତାନ ଯୁଦ୍ଧବିରତି ଦାବି ଉପରେ ଆଲୋଚନା ପାଇଁ ନୋଟିସ ଦେଇଛନ୍ତି । ଲୋକସଭା ଓ ରାଜ୍ୟସଭାରେ ବିଜେପି ଓ କଂଗ୍ରେସ ମଧ୍ୟରେ ତୀବ୍ର ବାଦବିବାଦ ଦେଖିବାକୁ ମିଳିଛି । ଗୃହରେ କହିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ । ଅପରେସନ ସିନ୍ଦୂର ଏବଂ ପହଲଗାମ୍ ଉପରେ ଚର୍ଚ୍ଚା ଚାଲିଥିବା ବେଳେ ଦେଖା ଦେଇଥିଲା ହୋହଲ୍ଲା ପରିସ୍ଥିତି । ଗୃହରେ ହଙ୍ଗାମା ହେବାକୁ ଲୋକସଭାକୁ ଦିନ ୨ଟା ଯାଏଁ ମୁଲତବୀ କରାଯାଇଛି ।ତେବେ ପୂର୍ବରୁ ମଧ୍ୟ ୧୨ ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା । ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ହିଁ ଆଜି ଦୁଇ ଦୁଇ ଥର ଗୃହ ମୁଲତବୀ ହେଲାଣି ।ସେପଟେ ପ୍ରବଳ ବିରୋଧ ଯୋଗୁଁ ଗୃହ ମୁଲତବୀ ହେବା ପରେ ଗୃହ ବାହାରେ ପ୍ରତିକ୍ରିୟା ରଖିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । କହିଛନ୍ତି- ସରକାର ଗୃହ ଭିତରେ ବିରୋଧୀଙ୍କ ସ୍ୱରକୁ ଚପିବାକୁ ଚେଷ୍ଟା କରୁଛନ୍ତି । ଯେଉଁଠି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଗୃହରେ କହିବାକୁ ଅନୁମତି ଦିଆଯାଉଛି ସେଠାରେ କିନ୍ତୁ ବିରୋଧୀଙ୍କୁ ଅବା ବିରୋଧୀ ଦଳ ନେତାଙ୍କୁ କହିବାକୁ ଅନୁମତି ଦିଆଯାଉନାହିଁ। ପ୍ରିୟଙ୍କା ଗାନ୍ଧୀ ମଧ୍ୟ ବିରକ୍ତି ପ୍ରକାଶ କରି କହିଛନ୍ତି- ଯଦି ସରକାର ସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ତେବେ କଣ ପାଇଁ ବିରୋଧୀ ଦଳ ନେତାଙ୍କୁ କହିବାକୁ ଦିଆଯାଉନି ।କହିବା ପାଇଁ ସିଏ ଛିଡା ହୋଇଥିଲେ ମାନେ କହିବାକୁ ସୁଯୋଗ ଦେବା କଥା ।

ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଅପରେସନ ସିନ୍ଦୂର ନେଇ ପ୍ରଶ୍ନ ଉଠାଇଛନ୍ତି । ଏଯାଏଁ କାହିଁକି ପହଲଗାମ ହମଲାର ପ୍ରକୃତ ଆତଙ୍କୀଙ୍କୁ ଧରାଯାଇନି କି ହତ୍ୟା କରାଯାଇନି ବୋଲି ପ୍ରଶ୍ନ କରିବା ସହ ଭାରତ-ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପ ବାରମ୍ବାର ମଧ୍ୟସ୍ଥତା କହିବା ଭାରତ ପାଇଁ ଅପମାନଜନକ ବୋଲି କହିଛନ୍ତି ଖଡଗେ ।ଖଡଗେଙ୍କୁ ଜବାବ ଦେବାକୁ ଯାଇ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ପହଲଗାମ୍ ହମଲାର ୮ ଦିନ ଭିତରେ ଏଭଳି ଏକ କାର୍ଯ୍ୟାନୁଷ୍ଠାନ ହେଲା ଯାହା ଆଜି ଯାଏଁ କୌଣସି ବି ଅପରେସନରେ ହୋଇନି । ସରକାର ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ନଡ୍ଡା କହିଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ସମାନ କଥା ଦୋହରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମୌସୁମୀ ବର୍ଷା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏବେ ଦେଶର ପାଣିପାଗ ବହୁତ ଭଲ ରହିଛି। ଚଳିତବର୍ଷ ଯେତିକି ବର୍ଷା ହୋଇଛି, ଦେଶର ବିକାଶ ପାଇଁ ଭଲ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

## ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୧।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ହଠାତ୍ ରାଜଭବନ ଯାଇ ରାଜ୍ୟପାଳ ଡ଼ଃ. ହରିବାବୁ କୁମ୍ଭମପତିଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରାୟ ୧ ଘଣ୍ଟା କାଳ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଖବର ମିଳିଛି। ରାଜ୍ୟପାଳ ଓ ମୁ୍ୟଖମନ୍ତ୍ରୀଙ୍କ ଏହି ସାକ୍ଷାତକାରକୁ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କୁହାଯାଉଥିଲେ ମଧ୍ୟ ସଂପ୍ରତି ରାଜ୍ୟରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣକୁ ନେଇ ଗତ କିଛି ଦିନ ହେଲା ଯେଉଁ ଆଲୋଚନା ହେଉଥିଲା ସେ ନେଇ ରାଜନୀତି ଏବେ ଜୋର୍ ଧରିଛି। ଆଶା, ଆଶଙ୍କାରେ ମନ୍ତ୍ରୀ ଓ ବିଧାୟକମାନେ ରହିଛନ୍ତି। କିଏ ମନ୍ତ୍ରୀମଣ୍ଡଳରୁ ବିଦା ହେବ, କାହାର ବିଭାଗ ବଦଳିବ ଏବଂ କିଏ ନୂଆ ମନ୍ତ୍ରୀ ହେବେ ତାକୁ ନେଇ ବିଜେପିରେ ଚର୍ଚ୍ଚା ଧୋର୍ ଧରିଛି। ବିଜେପି ସରକାରକୁ ଇତିମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ୬ ମନ୍ତ୍ରୀ ପଦ ଖାଲିପଡିଛି। ଜଣେ ଜଣେ ମନ୍ତ୍ରୀଙ୍କ ହାତରେ ଅଛି ଏକାଧିକ ବିଭାଗ। ବିଗତ ଦିନରେ ଏଫଏମ କଲେଜ ଘଟଣା, ବଳଙ୍ଗା ଅଘଟଣକୁ ନେଇ ରାଜ୍ୟରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାରେ ତଦନ୍ତ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ଭେଟଘାଟ ସସପେନ୍ସ ସୃଷ୍ଟି କରିଛି। ଏହା ପୂର୍ବରୁ ଏକାଧିକବାର ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଖବରମାନ ଆସିଥିବାବେଳେ ବିଭିନ୍ନ କାରଣରୁ ସମ୍ଭବ ହୋଇପାରିନଥିଲା।

### ବଳଙ୍ଗା ନାବାଳିକାକୁ ପୋଡ଼ି ମାମଲା

## ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

ଭୁବନେଶ୍ୱର, ୨୧।୭(ମହାଭାରତ); ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଥିଲେ ହେଁ ଏବେବି ମୃତ୍ୟୁସହ ସଂଘର୍ଷ କରୁଛନ୍ତି। ଆଜି ତାଙ୍କର ସ୍କିନ୍ ଟ୍ରାନ୍ସପ୍ଲାଣ୍ଟହୋଇଛି।



ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନେଇ ସୂଚନା ଦେଇଛନ୍ତି ସଂପର୍କୀୟ। ପୀଡିତାଙ୍କ ଓଟିରେ ଚିକିତ୍ସା ଚାଲିଛି। ତେବେ ଏହି ଘଟଣାରେ ନିଆଁ ଲଗାଇଥିବା ୩ ଅଭିଯୁକ୍ତଙ୍କର କୌଣସି ପତ୍ତା ମିଳୁନି। ଏଭଳି ଜଘନ୍ୟ କାଣ୍ଡ ଭିଆଇ କେଉଁଠି ଲୁଚିଗଲେ ଅଭିଯୁକ୍ତ ?

ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ କୌଣସି ବ୍ୟକ୍ତିଙ୍କୁ ଅଟକ କିମ୍ବା ଗିରଫ କରାଯାଇନାହିଁ ଫ ଏହି ଘଟଣାର ଅଧିକ ତଦନ୍ତ ପାଇଁ ବଳଙ୍ଗାରେ ୫ ଜଣିଆ। କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିଛନ୍ତି। ଏହି ଟିମ୍ ବଳଙ୍ଗା ଥାନାକୁ ଯାଇ ତଦନ୍ତର ଦିଗ ବୁଝିବା ସହ ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କ ଘରକୁ ମଧ୍ୟ ଯାଇଛନ୍ତି। ଏକାସଙ୍ଗେ ତିନିଟି ଟିମ୍ ଭିନ୍ନ ଭିନ୍ନ ସ୍ଥାନରେ ତଦନ୍ତ କରୁଛନ୍ତି । ଗୋଟିଏ ଟିମ୍ ପୀଡ଼ିତାଙ୍କ ଘରେ ପହଞ୍ଚିଥିବା ବେଳେ ଅନ୍ୟ ଏକ ଟିମ୍ ପୀଡ଼ିତାଙ୍କ ସାଙ୍ଗଙ୍କ ଘରେ ପହଞ୍ଚିଛି । ସେହିପରି ଆଉ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଗତକାଲି ବିଳମ୍ବିତ ରାତିରେ ମଧ ପୋଲିସର ସ୍ପେଶାଲ ଟିମ୍ ପୀଡ଼ିତାଙ୍କ ଘରେ ଛାନଭିନ୍ କରିଛି। ବଳଙ୍ଗା ବଜାରର ଅନେକ ଅଳଙ୍କାର ଦୋକାନରେ ପଚରାଉଚରା କରିଛି ପୋଲିସ। ଦିନକ ତଳେ ରୁପା ମୁଦି ମିଳିଥିଲା। ତେଣୁ କେଉଁଠୁ ଆସିଥିଲା ରୁପା ମୁଦି, ସେଥିପାଇଁ ଅଳଙ୍କାର ଦୋକାନୀଙ୍କୁ ପଚରାଉଚରା କରାଯାଇଛି । ପୀଡିତା ନିଜ ଘର ଠାରୁ ନଦୀ ବନ୍ଧ ଆଡ଼କୁ ଯାଉଥିବାର ଲୋକେ ଦେଖିଛନ୍ତି। ତେବେ କିରୋସିନ ଆସିଲା କୋଉଠୁ, ତା ଉପରେ ସ୍ପେଶାଲ ଟିମ ଅନୁଧ୍ୟାନ କରୁଛି । ସେପଟେ ଦୁଇ ଦିନ ହେଲାଣି ପୁଲିସ ତଦନ୍ତ କରୁଛି କିନ୍ତୁ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିପାରିନି। କିଏ ଓ କାହିଁକି ନାବାଳିକାଙ୍କୁ ଜାଳିଦେଲେ, ସେ ରହସ୍ୟ ଉପରୁ ପରଦା ହଟାଇ ପାରିନି ପୁଲିସୟ ଗତକାଲି ଘଟଣାସ୍ଥଳକୁ ଯାଇଥିଲେ ସାଇଣ୍ଟିଫିକ୍ ଟିମ୍ ।

## ବାଂଲାଦେଶରେ ବିମାନ ଦୁର୍ଘଟଣା, ୨୦ ମୃତ

ଢାକା, ୨୧।୭(ମହାଭାରତ): ବାଂଲାଦେଶ ବାୟୁ ସେନାର ଗୋଟିଏ ଟ୍ରେନିଂ ବିମାନ ଆଜି ଦୁର୍ଘଟଣା ଗ୍ରସ୍ତ ହୋଇଛି। ଉଡ଼ାଣର କିଛି ସମୟ ପରେ ଏହା ରାଜଧାନୀ ଢାକାରେ ଥିବା ଗୋଟିଏ ସ୍କୁଲ ବିଲଡିଂରେ ପିଟି ହୋଇ ଜଳି ଯାଇଛି। ଢାକାର ଉତ୍ତରା ଅଞ୍ଚଳରେ ଥିବା ମାଇଲଷ୍ଟୋନ ସ୍କୁଲ ଓ କଲେଜ ବିଲଡିଂ ଏଥିଯୋଗୁ ଗଭୀର ଭାବେ କ୍ଷତି ଗ୍ରସ୍ତ ହୋଇଛି। ଘଟଣାରେ ମୋଟ ୨୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭୦ରୁ ଅଧିକ ଲୋକ



ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୬ ଛାତଛାତ୍ରୀ ଅଛନ୍ତି। ଦୁର୍ଘଟଣା ଗ୍ରସ୍ତ ବିମାନଟି ଚାଇନା ନିର୍ମିତ ଏଫ-୭ର ଅତ୍ୟାଧୁନିକ ଭର୍ସନ। ଏ୦୭ ବିଜିଆଇ ଟ୍ରେନିଂ ବିମାନ ମଧ୍ୟାହ୍ନ ୧.୦୬ରେ ଉଡ଼ାଣ ଆରମ୍ଭ କରିଥିଲା। ଉଡ଼ାଣ ଭରିବାର କିଛି ସମୟ ପରେ ହିଁ ଏହା ସ୍କୁଲ କ୍ୟାମ୍ପସର ବିଲଡିଂରେ ପିଟି ହୋଇ ଯାଇଥିଲା। ବିଲଡିଂରେ ପିଟି ହେବା ଯୋଗୁ ବିମାନରେ ନିଆଁ ଲାଗି ଯାଇଥିଲା।

## ଅସୁସ୍ଥତାରୁ ଇସ୍ତଫା ଦେଲେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୧।୭(ମହାଭାରତ): ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ସେ ନିଜ ଇସ୍ତଫା ପତ୍ର ପଠାଇଛନ୍ତି। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଏହି ବଡ଼ ଖବର ସାମନାକୁ ଆସିଛି। ନିଜ ଇସ୍ତଫା ପଛରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇଛନ୍ତି ଉପରାଷ୍ଟ୍ରପତି। ୧୪ତମ ଉପରାଷ୍ଟ୍ରପତି ଭାବରେ ତାଙ୍କ କାର୍ଯ୍ୟକାଳ ୨୦୨୭ ଅଗଷ୍ଟ ୧୦ରେ ଶେଷ ହୋଇଥାନ୍ତା।



ରାଷ୍ଟ୍ରପତିଙ୍କୁ ଲେଖିଥିବା ଚିଠିରେ ସେ ସ୍ୱାସ୍ଥ୍ୟଗତ କାରଣ ଏବଂ ଚିକିତ୍ସା ପରାମର୍ଶ ଉଲ୍ଲେଖ କରି ସମ୍ବିଧାନର ଧାରା ୬୭ (କ) ଅନୁଯାୟୀ ଇସ୍ତଫା ଦେଇଥିବା କହିଛନ୍ତି। ଚିଠିରେ ସେ ଲେଖିଛନ୍ତି, 'ସ୍ୱାସ୍ଥ୍ୟକୁପ୍ରାଥମିକତା ଦେଇ ଏବଂ ଚିକିତ୍ସା ପରାମର୍ଶ ପାଳନ କରି, ମୁଁ ତତ୍କାଳ ପ୍ରଭାବରୁ ଭାରତର ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଉଛି'। କର୍ମକ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ତାଙ୍କ ସହଯୋଗ ଏବଂ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ପାଇଁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିପରିଷଦକୁ ମଧ ସେମାନଙ୍କ ସହଯୋଗ ଏବଂ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ। ଧନଖଡ ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି, 'ସମସ୍ତ ସମ୍ମାନୀୟ ସାଂସଦଙ୍କଠାରୁ ମୁଁ ଯେଉଁ ପ୍ରେମ, ବିଶ୍ୱାସ ଏବଂ ସମ୍ମାନ ପାଇଛି ତାହା ସାରା ଜୀବନ ମୋ ହୃଦୟରେ ରହିବ'। ଉପରାଷ୍ଟ୍ରପତି ଭାବରେ ତାଙ୍କ କାର୍ଯ୍ୟକାଳକୁ ମନେ ପକାଇ ସେ କହିଛନ୍ତି, 'ଏହି ମହାନ ଗଣତନ୍ତ୍ରରେ ଉପରାଷ୍ଟ୍ରପତି ଭାବରେ ମୁଁ ପାଇଥିବା ଅଭିଜ୍ଞତା ଏବଂ ଦୃଷ୍ଟିକୋଣ ପାଇଁ ମୁଁ ଗଭୀର କୃତଜ୍ଞ। ଭାରତର ଆର୍ଥିକ ବିକାଶ ଏବଂ ଅଭୂତପୂର୍ବ ପରିବର୍ତ୍ତନ ପର୍ଯ୍ୟାୟ ଦେଖିବା ମୋ ପାଇଁ ସୌଭାଗ୍ୟର ବିଷୟ ହୋଇଛି'।

ଉଲ୍ଲେଖଯୋଗ୍ୟ ଯେ ଗତ ଜୁନ୍ ୨୫ କୁମାଉଁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ଅଚେତ ହୋଇ ପଡ଼ିଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ପରେ ଧନଖଡ଼ ମଞ୍ଚରୁ ତଳକୁ ଓହ୍ଲାଇ ଦର୍ଶକଙ୍କ ମଧ୍ୟରେ ବସିଥିବା ତାଙ୍କର ପୂର୍ବତନ ସଂସଦୀୟ ସହଯୋଗୀ ମହେନ୍ଦ୍ର ସିଂହ ପାଲଙ୍କ ନିକଟକୁ ଆସିଥିଲେ। ଧନଖଡ ଓ ପାଲ ପରସ୍ପରକୁ ଦେଖି ଭାବୁକ ହୋଇପଡିଥିଲେ। କଥାବାର୍ତ୍ତା ପରେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ସମୟରେ ପାଲଙ୍କ କାନ୍ଧରେ ମୁଣ୍ଡ ରଖି ଧନଖଡ ଅଚେତ ହୋଇପଡିଥିଲେ।ଜଗଦୀପ ଧନଖଡ ୨୦୨୨ରେ ଭାରତର ୧୪ତମ ଉପରାଷ୍ଟ୍ରପତି ଭାବରେ ଶପଥ ନେଇଥିଲେ।୨୦୨୨ ଅଗଷ୍ଟ ୬ରେ ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ପ୍ରାର୍ଥୀ ମାର୍ଗାରେଟ୍ ଆଲଭାଙ୍କୁ ସେ ପରାସ୍ତ କରିଥିଲେ। ଜଗଦୀପ ଧନଖଡ ମୋଟ ୭୨୫ ଭୋଟରୁ ୫୨୮ ଭୋଟ ପାଇଥିଲେ, ଯେତେବେଳେ ମାର୍ଗାରେଟ୍ ଆଲଭା ୧୮୨ ଭୋଟ ପାଇଥିଲେ। ଉପରାଷ୍ଟ୍ରପତି ହେବା ପୂର୍ବରୁ ସେ ପଶ୍ଚିମବଙ୍ଗର ରାଜ୍ୟପାଳ ଥିଲେ।

## ଯୌନ ନିର୍ଯାତନା ଅଭିଯୋଗରେ ଅଧ୍ୟକ୍ଷ ଓ ଅଧ୍ୟାପକ ନିଲମ୍ବିତ

ଜଗତସିଂହପୁର, ୨୧।୭ (ମହାଭାରତ): ବାଲେଶ୍ୱରରୁ ବଳଙ୍ଗା ଉଠୁଛି ପଡୁଛି। ଏତିକି ବେଳେ ଆଉ ଏକ ମାମଲା ସାମ୍ନାକୁ ଆସିଛି। ଜଗତସିଂହପୁର ସ୍ୱାମୀ ଅରୁପାନନ୍ଦ କଲେଜର ଜଣେ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗ ଉପରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାରେ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷ ରମେଶ ସାହୁ, ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଚାକିରିରୁ ନିଲମ୍ବିତ ହୋଇଛନ୍ତି। ଛାତ୍ରୀ ନିର୍ଯାତନା ଘଟଣାରେ ଜିଲ୍ଲାପାଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ କଲେଜର ଜଣେ ଅଧ୍ୟାପକଙ୍କ ନାଁରେ ଛାତ୍ରୀ ଅଭିଯୋଗ କରିଥିଲେ। ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ମାତ୍ର ଅଧ୍ୟକ୍ଷଙ୍କ କାରଣ ଦର୍ଶାଅ ରିପୋର୍ଟ ସନ୍ତୋଷଜନକ ନଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଉପଜିଲ୍ଲାପାଳଙ୍କ ଜରିଆରେ ନିର୍ଦ୍ଦେଶନାମା ଜାରି ହୋଇଛି। ଜଗତସିଂହପୁର ଜିଲ୍ଲା କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୁକ୍ତ ଦୁଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ପରେ ଘଟଣାର ତନାଘନା ଆରମ୍ଭ ହୋଇଛି। ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଜଗତସିଂହପୁର ଜିଲ୍ଲାପାଳ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଘଟଣା ସଂପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଜିଲ୍ଲା ପ୍ରଶାସନ ଠାରୁ ରିପୋର୍ଟ ମାଗିଥିଲା। ଫଳରେ ଜିଲ୍ଲାପାଳ କଲେଜର ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଉପଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ଏହି ଘଟଣାରେ ପୀଡ଼ିତାଙ୍କ ଉପରେ ଚାପ ପ୍ରୟୋଗ କରି କମ୍ପରମାଇଜ୍ କରିବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଥିଲା। ବାଲେଶ୍ୱର ଓ ବଳଙ୍ଗା ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ପୁଣି ଜଗତସିଂହପୁରରେ ଛାତ୍ରୀ ନିର୍ଯାତନା ଘଟଣା ସାଧାରଣରେ ଉଦବେଗ ସୃଷ୍ଟି କରିଛି।

## ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ମନା

ଭୁବନେଶ୍ୱର, ୨୧।୭(ମହାଭାରତ): ରାଜ୍ୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ବିଭିନ୍ନ ସଂଘ ସହ ଆଲୋଚନା କରାଯାଇଛି।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଧନଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପେଟ୍ରୋଲ ବିକ୍ରୟକୁ ନେଇ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଦ୍ୱାରା ପ୍ରଦତ୍ତ ନିୟମର କଡ଼ାକଡ଼ି ପାଳନ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ସଂଘଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହ ଏହି ନିୟମର ବ୍ୟକ୍ତିଗତ ତଦାରଖ ପାଇଁ ଜିଲ୍ଲାପାଳମାନଙ୍କୁ ଅବଗତ କରାଯିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଥିଲେ। ମାତ୍ର ବିଭିନ୍ନ ଅନୁଷ୍ଠାନ, କୃଷକ ଓ ସରକାରୀ କାର୍ଯ୍ୟାଳୟର ବ୍ୟବହାର ପାଇଁ ଖୁଚୁରା ଭାବେ ପେଟ୍ରୋଲ ବିକ୍ରୟ କରାଯିବା ନେଇ ଥିବା ନିୟମ ବଳବତ୍ତର ରହିବ।

ଏତଦ୍ୱ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତା ପାର୍ଶ୍ୱ, ବିଭିନ୍ନ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏ କ୍ଷେତ୍ରରେ ଅନୈତିକ ଭାବେ ସହଯୋଗ କରୁଥିବା ପେଟ୍ରୋଲ ପମ୍ପ କିମ୍ବା ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ।

ଏହି ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀ ଶ୍ରୀଧର ନାୟକ,ବୈଧ ଓଜନ ମାପ ବରିଷ୍ଠ ଯୁଗ୍ମ ନିୟନ୍ତ୍ରକ ଶ୍ରୀ ହରୀଶ ଚନ୍ଦ୍ର ପଟ୍ଟନାୟକ, ବିପଣି ଗୁପ୍ତବାର୍ତ୍ତା ଉପନିର୍ଦ୍ଦେଶକ ଶ୍ରୀ ଦୀପକ ଶତପଥୀ, ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ରାଜ୍ୟ ସ୍ତରୀୟ ସଂଯୋଜକ ଶ୍ରୀ କମଳ ସିଲ,ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍ର ସାଧାରଣ ସମ୍ପାଦକ ଶ୍ରୀ ସଞ୍ଜୟ ଲାଠ, କୋଷାଧ୍ୟକ୍ଷ ଶ୍ରୀ ମହିନ୍ଦର୍ ସିଂ କଲ୍ସି, ଭୁବନେଶ୍ୱର ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍ର ସମ୍ପାଦକ ଏସ୍.କେ. ରହମାନ୍ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜେଲ୍ ଗଲେ କଂଗ୍ରେସ ଯୁବନେତା ଉଦିତ

ଭୁବନେଶ୍ୱର, ୨୧।୭(ମହାଭାରତ): ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର କରିବା ଅଭିଯୋଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଛି। ଗିର' ପରେ ଉଦିତ୍‌ଙ୍କୁ ନିଲମ୍ବନ କରିଥିଲା କଂଗ୍ରେସ। କ୍ୟାପିଟାଲ ହସ୍ପିଟାଲରେ ପୀଡିତାଙ୍କର ଡାକ୍ତରୀ ମାଇନା କରିଛି ମଂଚେଶ୍ୱର ଥାନା ପୋଲିସ । ନିଜର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି ଉଦିତ ପ୍ରଧାନ ସେ କହିଛନ୍ତି, ଏହା ଭାଜପା ସରକାରର ପ୍ଲାନ୍ ।ଏବିଭିପି ଯୋଜନା କରି ଫସେଇ ଦେଇଛି। ମେଡିକାଲ ରିପୋର୍ଟ ଆସିଲେ ସତ୍ୟତା ଜଣାପଡିବ। ଆଗକୁ ନିର୍ବାଚନ ଆସୁଛି, ସେଥିପାଇଁ ମୋତେ ଫସାଯାଉଛି ।ସେ ଯୁବତୀ କିଏ ମୁଁ ଜାଣିନାହିଁ ।ମେଡିକାଲ ରିପୋର୍ଟ ଆସିଲେ ସତ ଜଣାପଡିବ ବୋଲି କହିଛନ୍ତି ଉଦିତ।

ପୀଡ଼ିତା ହେଉଛନ୍ତି ଚନ୍ଦକା ଥାନା ଅଞ୍ଚଳର ସେ ଓ ତାଙ୍କର ଜଣେ ସାଙ୍ଗ ଅନ୍ୟ ଜଣେ ଯୁବକଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲି ଯାଇଥିଲେ। ଏହାପରେ ସେଠାରେ ଉଦିତ ସେମାନଙ୍କ ଗାଡ଼ିରେ ଆସି ବସିଥିଲେ। ତାଙ୍କୁ ବୁଲେଇ ନେବାକୁ କହି ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ହୋଟେଲକୁ ନେଇଯାଇଥିଲେ। ସେଠାରେ ଉଦିତ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ ଉଦିତ ତାଙ୍କୁ ମୃଦୁ ପାନୀୟରେ ନିଶା ଦ୍ରବ୍ୟ ମିଶାଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ଉଦିତ ଓ ଅନ୍ୟମାନେ ତାଙ୍କୁ ଛାଡ଼ି ନ ଥିଲେ। ତାଙ୍କୁ ନିଶା ହୋଇଯିବା ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଏ ବିଷୟରେ ସେ ଜାଣିପାରିଥିଲେ। ଉଦିତ ତାଙ୍କୁ ଧମକ ଦେବାରୁ ସେ ଚୁପ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ନାରୀଙ୍କୁ ନ୍ୟାୟ ଦେବା ଅଭିଯାନ ଚାଲିଥିବା ବେଳେ ପୀଡ଼ିତା ସାହସ କରି ଏତଲା ଦେଇଛନ୍ତି ବୋଲି ଜଣାଇଛନ୍ତି।

## ଡିଏଫ୍‌ଓଙ୍କ ପ୍ଲଟ ୧୫୫ ଓ ନଗଦ ୧୦ ଲକ୍ଷ ଟପିଲା

କେନ୍ଦୁଝର, ୨୧।୭(ମହାଭାରତ) : ଓଡ଼ିଶା ଦୁର୍ନୀତି ବିଭାଗ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଡିଏଫଓ ନିତ୍ୟାନନ୍ଦ ନାୟକଙ୍କ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଦ୍ୱିତୀୟ ଦିନ ଚଢାଉ ଜାରି ରଖିଛି। ଆଜି କେନ୍ଦୁଝରର ଅଫିସ ଓ ଆବାସିକ ଘର ଉପରେ ଚଢାଉ ବେଳେ ୮.୫ ଲକ୍ଷ ଟଙ୍କା ଭିଜିଲାନ୍ସ ବିଭାଗ ଜବତ କରିଥିବା ବେଳେ ଏହାକୁ ମିଶାଇ ସମୁଦାୟ ଜବତ ନଗଦ ଟଙ୍କା ପରିମାଣ ୧୦ ଲକ୍ଷ ଟଙ୍କା ଟପିଛି । ଗତ କାଲି ଚଢାଉ ବେଳେ ୧ ଲକ୍ଷ ୫୫ ହଜାର ଜବତ ହୋଇଥିଲା। ଏହା ଛଡା ଚଢାଉ ବେଳେ ବହୁ ଜମିଜମା ଦସ୍ତାବିଜ, ବ୍ୟାଙ୍କ ପାସ ବୁକ, ବୀମା ଜମା ସାର୍ଟିଫିକେଟ, ଜବତ କରାଯାଇ ସେସବୁ ର ଯାଂଚ ଚାଲିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଗତକାଲି ଚଢାଉ ବେଳେ ଅନୁଗୋଳରେ ୪ ମହଲା କୋଠା, ୧୫୫ ଟି ବିଭିନ୍ନ ସ୍ଥାନରୁ ମୂଲ୍ୟବାନ ଜମି ପ୍ଲଟ ଠାବ ହୋଇଛି। ଯାହାର ବିକ୍ରି ଡିଡ୍ ଅନୁଯାୟୀ ୨.୫୫ କୋଟି କିନ୍ତୁ ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ। ସେହିପରି ନଗଦ ୧.୫୫ ଲକ୍ଷ ଟଙ୍କା, ୨୦୦ ଗ୍ରାମ ସୁନା, ୨ ଟି ଚାରି ଚକିଆ। ଗାଡି ଠାବ କରିଥିଲା ଭିଜିଲାନ୍ସ। ଜବତ ଆସବାବ ପତ୍ରର ମୂଲ୍ୟ ପ୍ରାୟ ୧୫ ଲକ୍ଷ ହେବ। ତାଙ୍କ ନାମରେ ୫୫ ଟି ପ୍ଲଟ, ୪୨ ଟି ତାଙ୍କ ସ୍ତ୍ରୀଙ୍କ ନାମରେ, ୧୬ ଟି ଦୁଇ ପୁଅ ଏବଂ ୪ ଟି ଝିଅ ନାମରେ ରହିଥିବା ଜଣାପଡିଛି। ସେହିପରି ସେ କେବଳ ୧୨ ଟି ପ୍ଲଟ କୁ ନିଜର ସମ୍ପତି ତାଲିକାରେ ଦର୍ଶାଇଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କ ଏସଂକ୍ରାନ୍ତରେ ଜେରା କରୁଛି ।ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅନ୍ତର୍ଗତ ରଙ୍ଗମାଟିଆ ଗ୍ରାମରେ ଜଙ୍ଗଲ ବିଭାଗର ଥିବା ଜ୍ଞାନ ରଞ୍ଜନ ଦାସଙ୍କ ଘରେ ଜଙ୍ଗଲ ବିଭାଗ ଅଧିନରେ ଥିବା ଭିଜିଲାନ୍ସ ସଂସ୍ଥା ଆଜି ଚଢ଼ାଉ କରି ୪୦୦ ସିଫ୍ଟର ମୂଲ୍ୟବାନ କାଠ ସହ ୨୨ ଲକ୍ଷ ଟଙ୍କାର ଜବତ କରିଛନ୍ତି। ଶ୍ରୀ ଦାସ ବିନା ଲାଇସେନ୍ସରେ ଏକ ମୋବାଇଲ ସବମିଲ୍ କରି ବ୍ୟବସାୟ ଚଳାଇଥିଲେ। ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି।

## ଥାନା ଭିତରେ ବିଷ ପିଇଲେ ଯୁବତୀ

ନୟାଗଡ, ୨୧।୭(ମହାଭାରତ) : ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପରିସରରେ ଆଜି ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ପଠାଯାଇଛି ।ଏଭଳି ଅଭାବନୀୟ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଯୁବତୀଙ୍କ ପ୍ରେମିକ ତାଙ୍କୁ ଦୁଷ୍କର୍ମ କରି ଧୋକା ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସେ ଇଟାମାଟି ଥାନାରେ କିଛି ଦିନ ପୂର୍ବେ ଅଭିଯୋଗ ପରେ ସମ୍ପୃକ୍ତ ପ୍ରେମିକ ଗିରଫ ହୋଇଥିଲେ। ମହିଳା ସେହି ଗାଁର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଗତ ଫେବୃଆରିରେ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

# ବିନା ଷ୍ଟାରରେ ବି ଧମାଲ କଲା ଫିଲ୍ମ 'ଟୁରିଷ୍ଟ ଫ୍ୟାମିଲି'



ସାଉଥ ସିନେମାରେ ଏପରି ଅନେକ ଫିଲ୍ମ ଅଛି ଯାହା ନିର୍ମାତାମାନଙ୍କୁ ସେମାନଙ୍କ ବଜେଟ୍ ଠାରୁ ଅଧିକ ରୋଜଗାର କରି ମାଲାମାଲ କରିଥାଏଫ ଆଜି ଆମେ ଆପଣଙ୍କୁ ଏପରି ଏକ ମହାନ ଫିଲ୍ମ ବିଷୟରେ କହିବାକୁ ଯାଉଛୁ ଯାହା ୨୦୨୫ ମସିହାରେ ଥିଏଟରରେ ମୁକ୍ତିଲାଭ କରିଥିଲା ଏବଂ ବକ୍ସ ଅଫିସରେ ଜବରଦସ୍ତ କଲେକ୍ସନ କରିଥିଲାଫ ଏହି ୨ ଘଣ୍ଟା ୩୦ ମିନିଟର ଫିଲ୍ମର ନାମ 'ଟୁରିଷ୍ଟ ଫ୍ୟାମିଲି'। ୨୯ ଏପ୍ରିଲରେ ଆସିଥିବା ଏହି ଫିଲ୍ମରେ କୌଣସି ବଡ଼ ଷ୍ଟାର ନଥିଲେ। କିନ୍ତୁ, ଏହା ନିଜର ପାରିବାରିକ ନାଟକ ସହିତ ସମସ୍ତଙ୍କ ହୃଦୟ ଜିତିଥିଲା। ଏହି ସିନେମାର କାହାଣୀ ଶ୍ରୀଲଙ୍କାରୁ ସମୁଦ୍ର ପଥ ଦେଇ ଭାରତ ଆସୁଥିବା ଏକ ପରିବାର ବିଷୟରେ ପର୍ଯ୍ୟବେସିତ ଥିଲା। ଯେଉଁଠାରେ ଲୋକଙ୍କ ମଧ୍ୟରେ କମେଡି, କ୍ରାଇମ୍ ଥ୍ରୀଲର ଏବଂ ଆକ୍ସନ୍ ଫିଲ୍ମକୁ ନେଇ ଏକ ଜବରଦସ୍ତ କ୍ରେଜ୍ ରହିଛି, ସେହି ସମୟରେ, ଏବେ ଲୋକମାନେ ପାରିବାରିକ ବିଷୟବସ୍ତୁ ମଧ ଦେଖିବାକୁ ଚାହାଁନ୍ତି। ଏପରି ପରିସ୍ଥିତିରେ, ଆପଣ ଏହି ଫିଲ୍ମକୁ ଘରେ ବସି ଓଟିଟି ପ୍ଲାଟଫର୍ମରେ ଦେଖିପାରିବେ।ଲୋକମାନେ ଏହି ଫିଲ୍ମର କାହାଣୀକୁ ମଧ ପସନ୍ଦ କରୁଛନ୍ତି କାରଣ ଏହା ଏକ ମଧ୍ୟବି□ ପରିବାରର ଚାରି ଜଣ ସଦସ୍ୟଙ୍କ ଜୀବନର ଉତଥାନ-ପତନକୁ ଦର୍ଶାଏ। ଏହି ଭାବପ୍ରବଣ ଫିଲ୍ମ ଦର୍ଶକଙ୍କୁ ସେମାନଙ୍କ ସାଧାରଣ ଜୀବନ ସହିତ ଯୋଡୁଛି। ଏହି ତାମିଲ ଫିଲ୍ମଟି ୭ କୋଟି ବଜେଟରେ ନିର୍ମିତ ହୋଇଥିଲା। କିନ୍ତୁ, ବକ୍ସ ଅଫିସରେ, ଏହି ଫିଲ୍ମଟି ରୋଜଗାର ଦୃଷ୍ଟିରୁ ବିକି କୌଶଳଙ୍କ ଫିଲ୍ମ 'ଛାଭା'ର ରେକର୍ଡ ମଧ ଭାଙ୍ଗି ଦେଇଛି। ୭ କୋଟିରେ ନିର୍ମିତ 'ଟୁରିଷ୍ଟ ଫ୍ୟାମିଲି' ଏହାର ଚମତ୍କାର କାହାଣୀ ଆଧାରରେ ସାରା ବିଶ୍ୱରେ ୮୫ କୋଟି ଟଙ୍କା ସଂଗ୍ରହ କରିଥିଲା। ପ୍ରଥମ ଦିନରେ ହିଁ ଏହା ବକ୍ସ ଅଫିସରେ ୨୩ କୋଟି ଟଙ୍କା ରୋଜଗାର କରିଥିଲାୟ ଗୋଟିଏ ପଟେ, ଯଦି ଆମେ ବିକି କୌଶଳଙ୍କ 'ଛାଭା' ବିଷୟରେ କଥା ହେବା, ତେବେ ଏହାର ବଜେଟ୍ ୧୩୦ କୋଟି ଥିଲା ଏବଂ ଏହା ୮୦୮ କୋଟି ଟଙ୍କା ସଂଗ୍ରହ କରିଥିଲା। ଏପରି ପରିସ୍ଥିତିରେ, ଯଦି ଆମେ ଉଭୟ ଫିଲ୍ମକୁ ତୁଳନା କରିବା, ତେବେ 'ଛାଭା' ତୁଳନାରେ 'ଟୁରିଷ୍ଟ ଫ୍ୟାମିଲି' ଲାଭରେ ଆଗରେ ଅଛି। 'ଛାଭା'ର ଲାଭ ୮୦୦ ପ୍ରତିଶତ ଥିଲା ବେଳେ 'ଟୁରିଷ୍ଟ ଫ୍ୟାମିଲି'ର ଲାଭ ୧୨୦୦ ପ୍ରତିଶତ ଥିଲା।ଏମ୍. ଶଶିକୁମାର, ସିମରନ, ମିଥୁନ ଜୟ ଶଙ୍କର ଏବଂ କମଲେଶ ଜଗନ ଅଭିନୀତ 'ଟୁରିଷ୍ଟ ଫ୍ୟାମିଲି' ଏକ ଇଲମ୍ ତାମିଲ ପରିବାର ଉପରେ ଆଧାରିତ, ଯେଉଁମାନେ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ପରେ ଚାକିରି ଖୋଜିବାରେ ଭାରତ ଆସିଥାନ୍ତି। 'ଟୁରିଷ୍ଟ ଫ୍ୟାମିଲି'ର ନିର୍ମାତାମାନେ କୌଣସି ଅନାବଶ୍ୟକ ଖର୍ଚ୍ଚ ବିନା କମ୍ ବଜେଟରେ ଏହି ଫିଲ୍ମକୁ ରିଲିଜ୍ କରିଥିଲେ। କିନ୍ତୁ, ଏହାର ଦୃଢ଼ କାହାଣୀ ଯୋଗୁଁ ଫିଲ୍ମଟି ସୁପରହିଟ୍ ପ୍ରମାଣିତ ହୋଇଥିଲା।

# ବ୍ରହ୍ମକପାଳ ତୀର୍ଥ

ବଦ୍ରିନାଥ ଧାମ ନିକଟବର୍ତ୍ତୀ ଅଳକାନନ୍ଦା ନଦୀ ତଟରେ ରହିଛି ବ୍ରହ୍ମକପାଳ ତୀର୍ଥ । ଏହି ତୀର୍ଥସ୍ଥଳୀରେ ପିତୃପକ୍ଷ ଅବସରରେ ପିଣ୍ଡଦାନ ନିମନ୍ତେ ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି । ଏଠାରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କୁ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ବ୍ରହ୍ମକପାଳ ତୀର୍ଥ ସମ୍ବନ୍ଧରେ ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଏଠାରେ ପିଣ୍ଡ ପାଉଥିବା ପିତୃପୁରୁଷ ମୋକ୍ଷ ତଥା ମୁକ୍ତି ପାଇ ପରମାତ୍ମାଙ୍କ ଠାରେ ବିଲୀନ ହୋଇଯାଇଥାନ୍ତି । ଏଠାରେ ଥରୁଟିଏ ପିଣ୍ଡଦାନ ଏବଂ ତର୍ପଣ କରିବା ପରେ ଅନ୍ୟ ସ୍ଥାନ ପିଣ୍ଡଦାନର ଆବଶ୍ୟକତା ନଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ଥରେ ବେଦ ନିନ୍ଦା କରୁଥିବା କାରଣରୁ ଦେବ ଦେବ ମହାଦେବ କ୍ରୋଧିତ ହୋଇ ବ୍ରହ୍ମାଙ୍କର ଗୋଟିଏ ମୁଣ୍ଡ କାଟି ଦେଇଥିଲେ। ପୂର୍ବରୁ ବ୍ରହ୍ମାଙ୍କର ୫ଟି ମୁଣ୍ଡ ଥିଲା, ଗୋଟିଏ ମୁଣ୍ଡ କଟିଯିବା ପରେ ୪ଟି




ରହିଲା।ହେଲେ ବ୍ରହ୍ମହତ୍ୟା ଦୋଷ ଲାଗିବାରୁ ଭଗବାନ ଶିବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କର କଟା ମୁଣ୍ଡ ବାହାରିଲା ନାହିଁ । ଭଗବାନ ଶିବ ଅନେକ ତୀର୍ଥ ଭ୍ରମଣ କଲେ, ମାତ୍ର ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇପାରିଲେ ନାହିଁ । ଶେଷରେ ସେ ବ୍ରହ୍ମକପାଳ ତୀର୍ଥ ନିକଟରେ ପହଞ୍ଚିଲେ। ସେଠାରେ ଅଳକାନନ୍ଦା ନଦୀରେ ସ୍ନାନ କରିବା ପରେ ବଦ୍ରିକାଶ୍ରମ ଦିଗରେ ଅଗ୍ରସର ହେଲେ। ଏହି ସମୟରେ ଚମତ୍କାର ଘଟିଲା। ମହାଦେବଙ୍କ ତ୍ରିଶୂଳରୁ ବ୍ରହ୍ମାଙ୍କ କଟାମୁଣ୍ଡ ବାହାରିଗଲା। ଫଳରେ ବ୍ରହ୍ମକପାଳ ତୀର୍ଥର ଦିବ୍ୟତ୍ୱ ସିଦ୍ଧ ହୋଇପାରିଲା। ସେବେଠାରୁ ବ୍ରହ୍ମକପାଳ ତୀର୍ଥରେ ପିଣ୍ଡଦାନ କରି ପିତୃପୁରୁଷଙ୍କୁ ସମସ୍ତ ପାପଭାରରୁ ମୁକ୍ତି ଦେବା ଲାଗି ଶ୍ରଦ୍ଧାଳୁମାନେ ଏହି ତୀର୍ଥସ୍ଥାନକୁ ଛୁଟି ଆସିଥାନ୍ତି ।

# କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେୟ ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା'ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୁ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ ନାହିଁ।

# କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ

ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।



**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

ଶୁକ୍ରବାର: ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ ପ୍ରାପ୍ତ ହୋଇଥାଏ।



**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।

# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତୁ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# ଫସଲ-ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ କମିଟିର ସମୀକ୍ଷା

**ଭୁବନେଶ୍ୱର,୨୧।୭ (ମହାଭାରତ):** କୃଷି ଭବନରେ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ ଗୋଷ୍ଠୀ କମିଟିର ସମୀକ୍ଷା ବୈଠକ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାଣିପାଗ ନିର୍ଦ୍ଦେଶକ ଡ଼ ମନୋରମା ମହାପାତ୍ର ମଧ୍ୟ ଯୋଗଦେଇଥିଲେ।

ଚଳିତ ବର୍ଷ ଓଡ଼ିଶାରେ ମୌସୁମୀ ଜନିତ ବର୍ଷା ସ୍ୱାଭାବିକ ଠାରୁ ୧୬ ପ୍ରତିଶତ ଅଧିକ ହୋଇଛି। ଏହା ଖରିଫ ଫସଲ ପାଇଁ ବେଶ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ବିଶେଷ କରି କପା, ଧାନ, ଆଳୁଚାଷ ଭଳି ଅଧିକା ପାଣିର ଆବଶ୍ୟକ ଫସଲ ପାଇଁ ଏହା ସହାୟକ ହେବ। ରାଜ୍ୟ ସରକାରଙ୍କ କୃଷି ବିଭାଗ ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚାଷୀଙ୍କୁ କୃଷି ସମ୍ବନ୍ଧୀୟ ସୂଚନା ନିୟମିତ ଭାବରେ ପ୍ରଦାନ କରିଆସୁଛି। ଏତଦବ୍ୟତୀତ ଚାଷୀମାନେ କୃଷି ସମୃଦ୍ଧି ହେଲ୍ପଲାଇନକୁ ଫୋନ କରି ସମସ୍ୟାର ସମାଧାନ ପାଇପାରୁଛନ୍ତି। ବର୍ତ୍ତମାନ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷାରେ ଏହି ସୂଚନା ଚାଷୀଙ୍କୁ ପ୍ରଦାନ କରାଯାଉଥିବାବେଳେ ଆଗାମୀ ଦିନରେ ବିଭିନ୍ନ ଆଂଚଳିକ ତଥା ଦେଶୀୟା ଭାଷାର ବ୍ୟବହାରକୁ ଗୁରୁତ୍ୱାରୋପ କରିଛନ୍ତି କୃଷି ସଚିବ ଡ଼ ପାଢ଼ୀ।



ସେହିଭଳି, ପର୍ଯ୍ୟାପ୍ତ ପରିମାଣର ଉନ୍ନତମାନରବିହନ, ସାର ଇତ୍ୟାଦି ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧା ଯେପରି ଚାଷୀଙ୍କ ପାଖରେ ପହଂଚିବ ଏବଂ ଚାଷୀମାନେ ଏଥିରୁ ପ୍ରକୃତରେ ଉପକୃତ ହେବେ ସେନେଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି କୃଷି ସଚିବ ଡ଼ ପାଢ଼ୀ। ବୈଠକରେ କୃଷି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ ପରିଡ଼ା, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ, ବିଭିନ୍ନ ଯୋଜନା ଅଧିକାରୀ, ସମବାୟ ବିଭାଗ, ଜଳସେଚନ ବିଭାଗ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ଅଧିକାରୀମାନେ ନିଷ୍ଠା ଓ ଅନ୍ତରିକତାର ସହ କାର୍ଯ୍ୟ ତୁଲାଇବା ଉଚିତ



**ଭୁବନେଶ୍ୱର,୨୧।୭ (ମହାଭାରତ):** ସରକାରୀ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ଜନସହଯୋଗ ଦ୍ୱାରା ରାଜ୍ୟ ଓ ଦେଶର ପ୍ରତ୍ୟେକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରିବ ଓ ତା'ର ସୁବିଧା ଜନସାଧାରଣ ପାଇପାରିବେ । ଅଧିକାରୀମାନଙ୍କ କର୍ତ୍ତବ୍ୟ, ମହତ ଚିନ୍ତାଧାରା କାର୍ଯ୍ୟରେ ରୂପାନ୍ତରିତ ହୋଇପାରିଲେ ସମାଜର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ । ତେଣୁ ପ୍ରତ୍ୟେକ ଅଧିକାରୀ ସରକାରଙ୍କ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ଦ୍ୱାରା ଆମ ରାଜ୍ୟର ଅଶେଷ ଉପକାର ସାଧିତ ହୋଇପାରିବ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି।

ରାଜ୍ୟ ସଚିବାଳୟର ନବନିଯୁକ୍ତ ତାଲିମ ଗ୍ରହଣକାରୀ ଉପବିଭାଗୀୟ ଅଧିକାରୀମାନେ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଆସିଥିବା ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି କହିଲେ ଯେ ବିଧାନସଭାର କାର୍ଯ୍ୟାବଳୀକୁ ସୁନିଶ୍ଚିତ ତଥା ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ବିଧାନସଭା କାର୍ଯ୍ୟବିଧି ଓ କାର୍ଯ୍ୟ ପରିଚାଳନା ନିୟମାବଳୀ ପ୍ରଣୀତ ହୋଇଛି। ଗଣତନ୍ତ୍ରର ମୂଳମନ୍ତ୍ର ହେଉଛି ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ। ଶାସକ ଓ ଶାସିତମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ କ୍ଷେତ୍ରରେ ଅଧିକାରୀମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଚାକିରି ଜୀବନରେ ଅନୁଭୂତି ଓ ଅଭିଜ୍ଞତା ଅର୍ଜନ କରିବା ପାଇଁ ସୁଯୋଗ ମିଳିଥାଏ। ଏହି ସୁଯୋଗର ସଦ୍‌ବ୍ୟବହାର କରି ଜନସାଧାରଣ ନିକଟରେ ଯୋଜନାର ସୁଫଳ ପହଂଚାଇବାରେ ସମସ୍ତେ ଦାୟିତ୍ୱବାନ୍ ହୋଇ କାର୍ଯ୍ୟ କରିବା ଦରକାର। ତା'ହେଲେ ଯାଇ ରାଜ୍ୟର ଉନ୍ନତି ଓ ପ୍ରଗତି ସମ୍ଭବ ହୋଇପାରିବ ବୋଲି ବାଚସ୍ପତି ଉଲ୍ଲେଖ କରିଥିଲେ।

ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ଯୁଗ୍ମ ସଚିବ ସତୀଶ ମିଶ୍ର ଓ ବିଦ୍ୟାଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲ୍ଲାରେ ୧୮ ବିଧି ଅଧିକାରୀ ନିଯୁକ୍ତି ନେଇ ବିଜ୍ଞପ୍ତି

**ଭୁବନେଶ୍ୱର,୨୧।୭ (ମହାଭାରତ):** ଆଇନ ବିଭାଗ ପକ୍ଷରୁ ବୌଦ୍ଧ ଜିଲା ପାଇଁ ୧୮ ଜଣ ଅଧିବକ୍ତାଙ୍କୁ ବିଧି ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ ଓଁ ପ୍ରକାଶ ମିଶ୍ର, ତୁଷାରକାନ୍ତ ଦୀପ, ପ୍ରଦେଶୀ ବେହେରା, ଚିତ୍ତରଞ୍ଜନ ପାଣିଗ୍ରାହୀ, ଧବଳେଶ୍ୱର ମନହିରା, କୁନାଲ କିଶୋର ପାଣିଗ୍ରାହୀ, ଆଶୁତୋଷ ଦାସ, ତାରାଣୀସେନ ଭକ୍ତ, ବିବେକାନନ୍ଦ ଦେହୁରୀ, ଦୋଳମଣୀ ପ୍ରଧାନ, ଆଶୁତୋଷ ସାହୁ, ଅଶୋକ କୁମାର ସାହୁ, ମନରଞ୍ଜନ ମହାକୁଡ଼, ଚିତରଞ୍ଜନ ପାତ୍ର, ରତନ କୁମାର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ସାହୁ, ସୁଶୀଲ କୁମାର ପାଣିଗ୍ରାହୀ ପ୍ରମୁଖ ରହିଛନ୍ତି। ଏହି ଅଧିକାରୀମାନେ ବିଜ୍ଞପ୍ତି ଅନୁଯାୟୀ ନିଜର ପଦ ଓ ମୁଖ୍ୟାଳୟରେ ଯୋଗ ଦେବେ ଓ ଓଡିଶା ଲ' ଅଫିସର୍ସ ରୁଲ - ୧୯୭୧ ଅନୁଯାଇ ଏହି ନିଯୁକ୍ତି ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

ସେହିପରି ଆଇନ ବିଭାଗ ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ ଅଧିବକ୍ତା ଶ୍ରୀ ପ୍ରସନ୍ନ କୁମାର ପ୍ରଧାନଙ୍କୁ ପୋକ୍ସୋ ଆଇନ ୨୦୧୨ ଉପଧାରା ୩୨ ଅନୁଯାୟୀ ସ୍ୱତନ୍ତ୍ର ସରକାରୀ ଅଭିଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।

# ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ ଉଦଘାଟିତ

**ଭୁବନେଶ୍ୱର,୨୧।୭ (ମହାଭାରତ):** ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ନବରଙ୍ଗପୁର ଫର୍ଶାଗୁଡାରେ ନବ ନିର୍ମିତ ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉପସ୍ଥିତ ଥିଲେ।

ଶ୍ରୀ ଗଣ୍ଡ ଏ ସମ୍ପର୍କରେ ସୂଚନା ଦେଇ ସୋସିଆଲ ମିଡିଆରେ ଲେଖିଛନ୍ତି, ଓଡ଼ିଶାରେ ପ୍ରଥମ କରି ନବରଙ୍ଗପୁରରେ ତିଆରି ହୋଇଛି ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ। କୋଡ଼ିଗାଁ ବନାଞ୍ଚଳ ଫର୍ଶାଗୁଡାରେ ୨୮ ଏକର କ୍ଷେତ୍ରଫଳରେ ନବ ନିର୍ମିତ ଏ ସୁନ୍ଦର ବର୍ଣ୍ଣମାଳା ଉଦ୍ୟାନ ଆଜି ଉଦଘାଟିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏ ସୁନ୍ଦର ଉଦ୍ୟାନକୁ ଉଦଘାଟିତ କରିଛନ୍ତି। ଏହି ଉଦ୍ୟାନ ଓଡ଼ିଆ ଅସ୍ମିତାର ଗୌରବ ବହନ କରିଛି। ଏ ଉଦ୍ୟାନରେ ବର୍ଣ୍ଣମାଳାର ଅ ଠାରୁ ଳ ପର୍ଯ୍ୟନ୍ତ ସମସ୍ତ ଅକ୍ଷରକୁ ନେଇ ଶ୍ରେଣୀ ଶ୍ରେଣୀ କରି ୧୨୦୦ ଚାରା ରୋପଣ ହୋଇଛି। ୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଦ୍ୟାନରେ ରହିଛି ଫଳ ବାଟିକା, ଫୁଲ ବାଟିକା, ଔଷଧ ବାଟିକା, ମସଲା ବାଟିକା ଭଳି ଅନେକ ବିଭାଗ ସମ୍ବନ୍ଧୀୟ ବାଟିକା।

ଏହି ଉଦ୍ୟାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଭାରତର ମାନଚିତ୍ର ଏବଂ ମାନଚିତ୍ର ପ୍ରଦେଶ ଅନୁସାରେ ପ୍ରତ୍ୟେକ ପ୍ରଦେଶର ଚାରା ଆଉ ତାର ପରିଚୟ। ଯାହା ନିଶ୍ଚୟ ଭାବରେ ପରିଭ୍ରମଣରେ ଆସିଥିବା ପ୍ରତ୍ୟେକଙ୍କ ଭିତରେ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ଜ୍ଞାନ ଓ ଶିକ୍ଷା ଦେବାରେ ସହାୟକ ହେବ। ଓଡ଼ିଆ ଭାଷା ଓ ସାହିତ୍ୟର ପରିଚୟକୁ ବଜାୟ ରଖିବ। ଏ ଉଦ୍ୟାନ ନିର୍ମାଣରେ ଅବଦାନ ଦେଇଥିବା ସମସ୍ତ ବନ ଅଧିକାରୀ ମାନଙ୍କୁ ସାଧୁବାଦ ପ୍ରଦାନ କରୁଛି। ଆଶା ଏ ବର୍ଣ୍ଣମାଳା ଉଦ୍ୟାନ ନବରଙ୍ଗପୁରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ଏବଂ ବର୍ଣ୍ଣମାଳା ଶିକ୍ଷାରେ ଏହା ଏକ ସହଯୋଗ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନା

**ଭୁବନେଶ୍ୱର,୨୧।୭ (ମହାଭାରତ):** ନୂଆପଡ଼ା ଜିଲ୍ଲାର ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଆଜି ଶ୍ରୀ ରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସପିଟାଲର ବିଶେଷଜ୍ଞ ଟିମ୍ ନୂଆପଡ଼ା ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ପହଞ୍ଚିଛନ୍ତି। ଏହି ଟିମ୍ ନୂଆପଡ଼ାରେ ୨୪ ତାରିଖ ପର୍ଯ୍ୟନ୍ତ ରହି ବିଶେଷଜ୍ଞ ସେବା ଦରକାର କରୁଥିବା ତାଲିକାଭୁକ୍ତ ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇବେ । ଏଣ୍ଡୋକ୍ରାଇନୋଲୋଜି ବିଭାଗର ଡାକ୍ତର ଭବାନୀ ଶଙ୍କର ଧଳ, ନେଫ୍ରୋଲୋଜି ବିଭାଗର ଡାକ୍ତର ବିଶ୍ୱଜିତ୍ ମହାନ୍ତି, ୟୁରୋଲୋଜି ବିଭାଗ ଡାକ୍ତର ଲିଙ୍କନ ମହାନ୍ତି, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ଡାକ୍ତର ସନନ୍ଦ କୁମାର ସେଠୀ, ନ୍ୟୁରୋଲୋଜି ଡାକ୍ତର ସୋନାଲିକା ବେହେରା, ଏବଂ ହୃଦରୋଗ ଡାକ୍ତର ପଙ୍କଜ କୁମାର ମାରଭୀ ପ୍ରମୁଖ ଏହି ଟିମ୍ ରେ ସଦସ୍ୟ ଅଛନ୍ତି।

ବର୍ତ୍ତମାନ ସୁଦ୍ଧା ନୂଆପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୬୩୨ ଜଣ ରୋଗୀଙ୍କୁ ବିଶେଷଜ୍ଞ ସେବା ନିମନ୍ତେ ତାଲିକାଭୁକ୍ତ କରାଯାଇଛି। ଏହି ଟିମ୍ ପ୍ରତି ରୋଗୀଙ୍କର ପ୍ରାଥମିକ ପରୀକ୍ଷା ନିରୀକ୍ଷା କରି ଚିକିତ୍ସା ନିମନ୍ତେ ସେମାନଙ୍କର ସବିଶେଷ ତଥ୍ୟ ପ୍ରସ୍ତୁତ କରିବେ। ଆସନ୍ତା କାଲି ସିନିୟର୍ ବିଶେଷଜ୍ଞ ଟିମ୍ ସେମାନଙ୍କର ଆବଶ୍ୟକୀୟ ଚିକିତ୍ସା ଓ ଅପରେସନ ଆଦି କରିବେ।

# ରେଭେନ୍ସା ରାଗିଂର ନାଟକୀୟ ମୋଡ଼



**ଭୁବନେଶ୍ୱର,୨୧।୭ (ମହାଭାରତ):** ରେଭେନ୍ସା ଇଷ୍ଟ ହଷ୍ଟେଲରେ ରାଗିଂ ଅଭିଯୋଗର ନାଟକୀୟ ମୋଡ଼ ନେଇଛି। କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଉଭୟ ଛାତ୍ର ଧାରଣା ଦେଇଛନ୍ତି। ଉଭୟ ଯୁଜି ପ୍ରଥମ ଓ ତୃତୀୟ ବର୍ଷ ଛାତ୍ର ଦେଇଛନ୍ତି ଧାରଣା। କେହି ରାଗିଂ ଅଭିଯୋଗ କରିନଥିବା କହିଛନ୍ତି ପ୍ରଥମ ବର୍ଷ ଛାତ୍ର। ଖବର ଅନୁଯାୟୀ ଯୁଜି ପ୍ରଥମ ବର୍ଷ ଛାତ୍ରଙ୍କୁ ତୃତୀୟ ବର୍ଷ ଛାତ୍ରଙ୍କ ରାଗିଂ ଅଭିଯୋଗ ଥିଲା। ସେଥିପାଇଁ ୧୦ ଜଣ ଛାତ୍ରଙ୍କୁ ହଷ୍ଟେଲ୍ ଛାଡ଼ିବାକୁ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ।

ରେଭେନ୍ସାରେ ରାଗିଂ ଘଟଣା ନେଇ ଚିଫ୍ ୱାର୍ଡେନ୍ ସୁଦର୍ଶନ ମିଶ୍ର କହିଛନ୍ତି ଯେ ରାଗିଂ ହୋଇଥିବା ଘଟଣା ସତ୍ୟ ଏବଂ ଏ ସମ୍ପର୍କରେ ଉପଯୁକ୍ତ ପ୍ରମାଣ ମଧ୍ୟ ରହିଛି। ସେ କହିଛନ୍ତି ଯେ, ଏ ସମ୍ପର୍କରେ ଭିଡିଓ ଓ ଫଟୋ ମଧ୍ୟ ପ୍ରମାଣ ଭାବେ ରହିଛି। ତାହା କଲେଜର ଆଣ୍ଟି ରାଗିଂ କମିଟିକୁ ପଠାଯାଇଛି। ରାତି ୧୨ ଟା ପରେ ଇଷ୍ଟ ହଷ୍ଟେଲର କିଛି ସିନିୟର୍ ଛାତ୍ର ଏକାଠି ହୋଇ ଜୁନିୟର ଛାତ୍ରଙ୍କୁ ଗାଳିଗୁଲଜ କରୁଥିଲେ ବୋଲି ୱାଡେନ କହିଛନ୍ତି।

ଘଟଣାସ୍ଥଳରେ ଚିଫ ୱାର୍ଡେନ, ଡେପୁଟି ୱାର୍ଡେନ ଓ ଆଣ୍ଟି ରାଗିଂ କମିଟିର ଦୁଇ ଜଣ ସଦସ୍ୟ ଉପସ୍ଥିତ ଥିଲେ। ଆଣ୍ଟି ରାଗିଂ କମିଟିର ତଦନ୍ତ ଶେଷ ହେବା ଯାଏ ସସପେଣ୍ଡ ନିର୍ଦ୍ଦେଶ କାଏମ ରହିବ। ରାଗିଙ୍ଗ ଘଟଣା ସାମ୍ନାକୁ ଆସିବା ପରେ ରେଭେନ୍ସା କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେଇ ୧୦ ଛାତ୍ରଙ୍କୁ ହଷ୍ଟେଲରୁ ବାହାର କରିଛନ୍ତି।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି

**ଭୁବନେଶ୍ୱର,୨୧।୭ (ମହାଭାରତ):** ଫକୀର ମୋହନ କଲେଜ ଛାତ୍ରୀର ଆତ୍ମହତ୍ୟା ଓ ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ମୁସ୍କାନ ଖାତୁନ ନାମ୍ନୀ ଜଣେ ନାବାଳିକାକୁ ପୋଡି ହତ୍ୟା କରିବା ଉଦ୍ୟମ ଘଟଣାର ଦୃଢ ପ୍ରତିବାଦ ଓ ଘଟଣାରେ ଦାଇତ୍ୱହୀନତା ପାଇଁ ଦାୟୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବିରେ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ପକ୍ଷରୁ ଆଜି ଭୁବନେଶ୍ୱରରେ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି । ବଳଙ୍ଗା ଘଟଣାରେ ୩୬ ଘଣ୍ଟାରୁ ଉର୍ଦ୍ଧ ସମୟ ବିତିଯାଇଥିବା ବେଳେ ନାଁ ଘଟଣାର ଅଭିଯୁକ୍ତମାନେ ଗିରଫ ହେଲେ ନା ନିଜ ନିର୍ବାଚନ ମଣ୍ଡଳୀର ପୀଡିତାକୁ ଅବା ତାର ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ହସ୍ପିଟାଲକୁ ଗଲେ। ଯାହା ସମଗ୍ର ଘଟଣାକୁ ସନ୍ଦେହ ମଧ୍ୟକୁ ଠେଲି ନେଉଛି ଓ ଶ୍ରୀମତୀ ପରିଡାଙ୍କ ଦାଇତ୍ୱହୀନତାକୁ ସୂଚାଉଛି । ରାଜ୍ୟରେ ବି. ଜେ.ପି ସରକାର ଶାସନକୁ ଆସିବା ପରେ ମହିଳା ଓ ଛାତ୍ରୀମାନଙ୍କ ଉପରେ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ଓ ସରକାରୀ ଦାଇତ୍ୱ ହୀନତା, ବିପର୍ଯ୍ୟସ୍ତ ଆଇନି ଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ ବୋଲି ପ୍ରତିବାଦ ସ୍ଥଳରେ ବକ୍ତବ୍ୟ ରଖି ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି । ନିଜର ଦାଇତ୍ୱହୀନତା ପାଇଁ ଶ୍ରୀମତୀ ପରିଡା ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଦେବା ଉଚିତ ବୋଲି ପ୍ରକାଶ କରିଛନ୍ତି । ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ହିଂସା ବଢ଼ିବାରେ ଲାଗିଛି । ଅପରାଧୀଙ୍କ ଆଇନ ବ୍ୟବସ୍ଥା ଓ ପୋଲିସ ପ୍ରଶାସନ ପ୍ରତି ଭୟ ନାହିଁ କ୍ଷ ସାରାରାଜ୍ୟ ଅପରାଧ ଓ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ଏଭଳି ଘଟଣାର ତୀବ୍ର ନିନ୍ଦା କରିବା ସହ ପୀଡିତାର ଆବଶ୍ୟକୀୟ ଉନ୍ନତ ଚିକିତ୍ସା, ଦୋଷୀଙ୍କ ବିରୁଦ୍ଧରେ କଠୋର ରୁ କଠୋର ଦଣ୍ଡ ବିଧାନ ପାଇଁ ଫରୱାର୍ଡ଼ ବ୍ଲକ ପକ୍ଷରୁ ଦାବୀ କରାଯାଇଛି ।

# ପିସିସି ସଭାପତିଙ୍କ କୁଶପୁତ୍ତଳିକା ଦାହ



**ଭୁବନେଶ୍ୱର,୨୧।୭ (ମହାଭାରତ):** ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ରାଜ୍ର ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଇସ୍ତଫା ଦାବି କରି ଆଜି ମାଷ୍ଟରକ୍ୟାଣ୍ଟିନ ଛକରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏଭିବିପି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁ ଛାତ୍ରନେତା ଏହି ବିକ୍ଷୋଭରେ ଯୋଗ ଦେଇ ଉଦିତ୍ ପ୍ରଧାନ ଏବଂ ଭକ୍ତ ଚରଣ ଦାସଙ୍କର କୁଶପୁତ୍ତଳିକା ଦାହ କରିଛନ୍ତି। ଏଫ୍‌ଏମ୍ କଲେଜର ଜଣେ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ସମୟରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ କଂଗ୍ରେସ ଛାତ୍ର ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଶତାଧିକ ଛାତ୍ରଛାତ୍ରୀ ଆଜି ଏକ ବିରାଟ ଶୋଭାଯାତ୍ରାରେ ରାଜଧାନୀର ରାଜରାସ୍ତା ପରିକ୍ରମା କରି ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ଥିବା କଂଗ୍ରେସ ଭବନ ଓ ଲୋୟର ପିଏମ୍‌ଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସଙ୍ଗଠନର ଛାତ୍ରଛାତ୍ରୀ ମାନେ ଏବିଭିପି ପତାକା ସହ ଆସି ଉଦିତ୍ ପ୍ରଧାନ ଓ ଭକ୍ତ ଚରଣ ଦାସଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପୋଲିସ ପକ୍ଷରୁ ସେଠାରେ ବ୍ୟାପକ ଶାନ୍ତିଶୃଙ୍ଖଳା ରକ୍ଷା କରା ଯାଇଥିଲା।

# ଟାଟା ମୋଟର୍ସ ଏସ ପ୍ରୋର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୨।୭(ଏଜେନ୍ସି):** ଟାଟା ମୋଟର୍ସ, ଯାହାକି ଭାରତର ସର୍ବବୃହତ୍ ବାଣିଜ୍ୟିକ ମୋଟର ଯାନ ନିର୍ମାଣକାରୀ ପ୍ରତିଷ୍ଠାନ, ମାଲ ପରିବହନ କ୍ଷେତ୍ରରେ ଏକ ମାଇଲଖୁଂଟ ପ୍ରତିଷ୍ଠା କରିବା ସହିତ ସମ୍ପୂର୍ଣ୍ଣ ନୂତନ ଟାଟା ଏସ ପ୍ରୋର ଶୁଭାରମ୍ଭ କରିଛି ଯାହାକି କ୍ଷୁଦ୍ର ମାଲପରିବହନ କ୍ଷେତ୍ରରେ ପରିବର୍ତ୍ତନଶୀଳ ଯୁଗର ଏକ ଅଗ୍ରଦୂତ ଭାବରେ ପ୍ରତିଷ୍ଠିତ। କେବଳ ମାତ୍ର ୩.୯୯ ଲକ୍ଷ ଟଙ୍କାର ଏକ ଅପ୍ରତିଦ୍ୱନ୍ଦି ପ୍ରାରମ୍ଭିକ ମୂଲ୍ୟକୁ ନେଇ, ଟାଟା ଏସ ପ୍ରୋ ଭାରତର ସର୍ବାଧିକ ଆଦୃତ ଲାଭ କରିଥିବା ଚାରି-ଚକିଆ ମିନି ଟ୍ରକ, ବିରଳ କାର୍ଯ୍ୟଦକ୍ଷତା, ଅତୁଳନୀୟ ବିବିଧତା ତଥା ଉନ୍ନତ ମାନର ମୂଲ୍ୟ ପ୍ରଦାନକାରୀ ଅଟେ। ଏକ ନୂତନ ଔଦ୍ୟୋଗୀକ ଧାରାକୁ ସଶକ୍ତ କରିବା ପାଇଁ ଡ଼ିଜାଇନ ହୋଇଥିବା ଏହି ଟାଟା ଏସ ପ୍ରୋ ପେଟ୍ରୋଲ, ଦ୍ୱୈତ-ଇନ୍ଧନ (ସିଏନଜି+ପେଟ୍ରୋଲ) ତଥା ଇଲେକ୍ଟ୍ରିକ ପ୍ରକାର ଭେଦରେ ଉପଲବ୍ଧ ହେବା ସହିତ ଗ୍ରାହକମାନଙ୍କର ଚୟନକାରୀତାର ନମନୀୟତା ସହିତ ସେମାନଙ୍କର ବ୍ୟବସାୟିକ ଆବଶ୍ୟକତାର ଆଦର୍ଶ ସମାଧାନଗୁଡ଼ିକୁ ପ୍ରଦାନ କରିପାରିବ। ଗ୍ରାହକମାନେ ନିଜର ପସନ୍ଦ ମୁତାବକ ଏହି ଏସ ପ୍ରୋର ବିଭିନ୍ନ ପ୍ରକାର ଭେଦର ବୁକିଙ୍ଗ ଟାଟା ମୋଟର୍ସର ରହିଥିବା ୧୨୫୦ରୁ ଅଧିକ ବ୍ୟବସାୟିକ ମାନ ବିକ୍ରୟ କେନ୍ଦ୍ରରେ ଯାହାକି ସମଗ୍ର ଦେଶରେ ରହିଛି କିମ୍ବା ଫ୍ଲିଟ ସଂସ୍କରଣ, ଅଥବା ଟାଟା ମୋଟର୍ସ ଅନଲାଇନ ବିକ୍ରୟ ମଂଚ ମାଧ୍ୟମରେ କରିପାରିବେ। ଟାଟା ଏସ ପ୍ରୋ ସୁବିଧାକାରୀତାର ଏକ ମାଲିକାନାତ୍ୱ ପ୍ରାପ୍ତ ପାଇଁ ବିଭିନ୍ନ ଅଗ୍ରଣୀ ବ୍ୟାଙ୍କ ତଥା ଏନବିଏଫସି ଗୁଡ଼ିକ ସହିତ ବାଧା-ମୁକ୍ତ ଆର୍ଥିକ ସମାଧାନ ପାଇଁ ସହବନ୍ଧିତ ହେବା ସହିତ, ତ୍ୱରିତ ଋଣ ମଞ୍ଜୁରି, ସହଜ ଇଏମଆଇ ବିକଳ୍ପ, ପାଣ୍ଠି ସହଯୋଗ ବୃଦ୍ଧି ତଥା ଏକ ବିବିଧ ଗ୍ରାହକ ଆବଶ୍ୟକତାର ଉନ୍ନତ ଜ୍ଞାନକୌଶଳର ସମସ୍ତ ବ୍ୟବସ୍ଥା କରିଛି।

# ଆମେ ଯଦି ଥାଆନ୍ତୁ ଏପରି କେବେ ହୋଇ ନଥାନ୍ତା : ସମୀର

**ଭୁବନେଶ୍ୱର,୨୧।୭ (ମହାଭାରତ):** ବିଜେପି ନେତା ସମୀର ଦାସ ରବିବାର ବଳଙ୍ଗା ପୀଡିତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ପାଇଁ ଭୁବନେଶ୍ୱର ଏମସରେ ପହଂଚିଥିଲେ। ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା ପୀଡ଼ିତାଙ୍କୁ ଭେଟିବା ପାଇଁ କାହିଁକି ଆସିଲେ ନାହିଁ ବୋଲି ଗଣମାଧ୍ୟମର ପ୍ରଶ୍ନର ଉତର ଦେଇ ସେ କହିଛନ୍ତି ତାଙ୍କୁ ପଚାରନ୍ତୁ ସେ କହି ପାରିବେ। ମୋ ଧର୍ମ ଥିଲା ମୁଁ ଆସିଲି। ସି ସୁଡ କମ୍ ବୋଲି କହିଛନ୍ତି ସମୀର ଦାସ। ମୁଁ ଆଗରୁ ବିଧାୟକ କରାଉଥିଲି। ତାପରେ ବିଧାୟକ ହେଲି। ଆମ ଅଂଚଳରେ ଏସବୁ ହୁଏନି। ମୋ ମନ ବିନ୍ଧୁଚି କାନ୍ଦୁଛି। ଆମେ ଯଦି ଥାଆନ୍ତୁ ଏପରି କେବେ ହୋଇ ନଥାନ୍ତା। ଭୁବନେଶ୍ୱର ଏମ୍ସ ରୁ ଦିଲ୍ଲୀ ଏମ୍ସ ଏୟାର ଲିଫ୍ଟ ହେବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେପି ନେତା ସମୀର ଦାସ। ଏହାଛଡା ବିରୋଧୀଙ୍କ ବିରୋଧ ନେଇ ସେ କହିଛନ୍ତି ଆମ ଅଂଚଳରେ ଏମିତି ଘଟଣା କିପରି ଘଟିଲା ଏହି କଥା ମନକୁ ଆସୁଛି। ଏ କଥା ସମ୍ପର୍କରେ କେହି କେବେ ଚିନ୍ତା କରି ନଥିଲେ। ଯାହା ଆଜି ଘଟିଲା। ପୋଲିସ୍ ତଦନ୍ତ ଚଳାଇଛି। ତଦନ୍ତ ପରେ ସତ୍ୟାସତ୍ୟ ରିପୋର୍ଟ ଆସିବ। ସିସିଟିଭି ଫୁଟେଜ ରୁ ପୋଲିସ୍ କିଛି ପାଇ ନାହିଁ। ସେ ଦିଗରେ ପୋଲିସ୍ ଫେଲ ମାରି ସାରିଛି। ପୋଲିସ୍ ବିଭିନ୍ନ ଦୃଷ୍ଟିକୋଣରୁ ତଦନ୍ତ କରୁଛି। ପୀଡ଼ିତାଙ୍କ ବାପା ସହ ଘନିଷ୍ଠ ସଂପର୍କ ଅଛି। ସ୍ଥାନୀୟ ଲୋକ ଦ୍ୱାରା ଏହି ଘଟଣା ଘଟି ଥାଇପାରେ। ବାହାର ଲୋକ କେହି ସାହସ କରିପାରିବେ ନାହିଁ। ପୀଡ଼ିତାଙ୍କୁ ନେଇ ଏମ୍ସରେ ହେଉଥିବା ରାଜନୀତି ଭଲ ନୁହେଁ। ବିରୋଧୀ ଜାଣିଥିବେ କଣ ପାଇଁ ରାଜନୀତି କରୁଛନ୍ତି। କିନ୍ତୁ ପୀଡ଼ିତାଙ୍କୁ ଭଲ ଚିକିତ୍ସା ଯୋଗାଇ ଦିଆଯାଉଛି। ଦୁର୍ଘଟଣା ଘଟିବା ମାତ୍ରେ ସରକାର ଚିକିତ୍ସା ସହାୟତା ଯୋଗାଇ ଦେଇଛନ୍ତି। ଏ ଘଟଣାର ବି ଖୁଲାସା ହେବ। ହସ୍ପିଟାଲ ପରିବେଶ ସ୍ୱତନ୍ତ୍ର ପରିବେଶ। ଏଠାରେ ରାଜନୀତି କରିବା ଉଚିତ୍ ନୁହେଁ ବୋଲି ସମୀର ଦାସ କହିଛନ୍ତି।

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ସରକାର ବିଫଳ: ବିଜେଡି

**ଭୁବନେଶ୍ୱର,୨୧।୭ (ମହାଭାରତ):** ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଆଜି ଅର୍ଥାତ ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଓଟିଇଟି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ଘୁଂଚାଇ ଦିଆଯାଇଛି ।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡ଼ ମହାନ୍ତି ଅଭିଯୋଗ କରିଥିଲେ ।

ସେ କହିଥିଲେ, ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି । ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି । ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷା ବିଭିନ୍ନ କାରଣରୁ ଘୁଂଚାଯାଇଛି । କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ବେଳେ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଂଟନ ଯୋଗୁଁ ପରୀକ୍ଷା ଘୁଂଚାଯାଉଛି । ପରୀକ୍ଷାଟିଏ ତ୍ରୁଟିଶୂନ୍ୟ ଭାବେ କରାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହାଛଡା, ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନକରିବା ସରକାର ଦୋଷୀଙ୍କୁ ଘଂଟ ଘୋଡାଇବା ସଦୃଶ୍ୟ ହୋଇଛି ବୋଲି ଡ଼ ମହାନ୍ତି କହିଥିଲେ ।

# ଟିଭିର ବୃଦ୍ଧି ପ୍ରାପ୍ତ ଭୂମିକା ଉପରେ ଆଲୋକପାତ

**ନୂଆଦିଲ୍ଲୀ,୨୨।୭(ଏଜେନ୍ସି):** ସାମସଙ୍ଗ ଆଡ଼ସ, କାନ୍ତାର ସହିତ ମିଳିତ ସହଯୋଗରେ ଚକିତ କଲାଭଳି ଏକ ଶ୍ୱେତପତ୍ର "ବିୟୋଣ୍ଡ ଆୱାରନେସ" ପ୍ରକାଶ କରିଛି, ଯାହାର ଲକ୍ଷ୍ୟ ସଂଯୋଗୀକୃତ ଟିଭି (ସିଟିଭି) ବିଜ୍ଞାପନ ଇକୋସିଷ୍ଟମର ଭୂମିକାକୁ ପ୍ରତିଷ୍ଠା କରିବା ସହିତରୁ ଗଣଭାବରେ ରହିଥିବା କେବିଆର ବ୍ରାଣ୍ଡକୁ ପରିଚଫଳନା କରିବା। ଏଭଳି ଏକ ଅଧ୍ୟୟନ ଓଇଏମ ସଂଯୋଗୀକୃତ ଟିଭି ଖେଳାଳୀମାନଙ୍କ ମଧ୍ୟରେ ଏକ ପ୍ରମୁଖ ପଦକ୍ଷେପ ଯାହାକି ବିରାଟକାୟ ତଥ୍ୟ-ଭିତିକ ବହିଃବ୍ୟବସ୍ଥାକୁ ମଧ୍ୟମରୁ-ନିମ୍ନ ବର୍ଗର ଫନେଲ ମାପଦଣ୍ଡରେ ଉପସ୍ଥାପନ କରିବା ସହିତ, ବିଜ୍ଞାପନର ପରିଷ୍କାର ପ୍ରମାଣ ଗୁଡ଼ିକ କିପରି ଭାବରେ ସଂଯୋଗୀକୃତ ଟିଭି ମାଧ୍ୟମରେ କ୍ରୟମନୋବୃତି ସହିତ ବ୍ରାଣ୍ଡକୁ ନେଇ ଅନୁଗ୍ରହ ପ୍ରଦାନ କରୁଅଛି। ଏହି ଅଧ୍ୟୟନ ୧୦୦ରୁ ଅଧିକ ବ୍ରାଣ୍ଡକୁ ଉନ୍ନିତ କରିବାର ଅଧ୍ୟୟନକୁ କାନ୍ତାର ଦ୍ୱାରା ସାମସଙ୍ଗ ସ୍ମାର୍ଟ ଟିଭିର ଅଭିଯାନ ପାଇଁ ବିଭିନ୍ନ ଶିଳ୍ପ ଏବଂ ଭୌଗୋଳିକ ଅବସ୍ଥିତିକୁ ବିଶ୍ଳେଷଣ କରୁଅଛି। କାନ୍ତାର ଦ୍ୱାରା ସ୍ୱାଧୀନ ବୈଧତା ପ୍ରାପ୍ତ ସହିତ, ଏହି ଅନୁସନ୍ଧାନ ସଂଯୋଗୀକୃତ ଟିଭି ଅଭିଯାନର ବିଜ୍ଞାପନ ନିବେଶକୁ ନେଇ ପ୍ରଦାନ କରିଅଛି। ବ୍ରାଣ୍ଡକୁ ଉନ୍ନିତ କରିବାର ମାପଦଣ୍ଡ ବ୍ୟବହାର କରି ଏହି ଅଭିଯାନ ମୂଲ୍ୟାଙ୍କନ କରିଛି ।

# ମାଓବାଦୀ ହେବେ ବିଲୁପ୍ତ

ମାଓବାଦୀମାନେ ଯେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଛନ୍ତି, ସେ କଥା ନୁହେଁ। ସେମାନେ ଏବେ ବି ଅନେକ ରାଜ୍ୟରେ ସକ୍ରିୟ ଅଛନ୍ତି ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି। କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ମାଓବାଦୀମାନେ ଏବେ ଆତ୍ମରକ୍ଷା ଲାଗି ସଂଘର୍ଷ କରୁଛନ୍ତି। ନିଜର ସ୍ଥିତି ଜାହିର କରିବାକୁ ସେମାନେ ମଝିରେ ମଝିରେ ନିରୀହ, ନିରସ୍ତ୍ର ବ୍ୟକ୍ତିଙ୍କୁ ହତ୍ୟା କରୁଛନ୍ତି ଏବଂ ବିସ୍ଫୋରଣ କରୁଛନ୍ତି। କିନ୍ତୁ ସେମାନଙ୍କ ସଙ୍ଗଠନ ଦୁର୍ବଳ ହୋଇଛି, ସଶସ୍ତ୍ର ବାହିନୀର ଘନ ଘନ ଆକ୍ରମଣରେ ସେମାନେ ପଳାୟନପନ୍ଥୀ ବୋଲି କହିଲେ ଭୁଲ ହେବ ନାହିଁ। ମହାରାଷ୍ଟ୍ରର ଗଡ଼ ଚିରୋଲି ହେଉ ଅଥବା ଛତିଶଗଡ଼ର ବସ୍ତର ଉପତ୍ୟକା ସବୁଠି ମାଓବାଦୀଙ୍କୁ ଦମନ କରିବା ଲାଗି ସୁରକ୍ଷା ବାହିନୀ ସ୍ୱତନ୍ତ୍ର ରଣନୀତି କାର୍ଯ୍ୟକାରୀ କରୁଛି। ମାଓବାଦୀ ସଙ୍ଗଠନ ପକ୍ଷରୁ ମଧ୍ୟ ଏହା ସ୍ୱୀକାର କରାଯାଇଛି। ନିର୍ବାଚନ ପୂର୍ବରୁ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି। ମାତ୍ର ୧୫ ଦିନରେ ୫୦ ମାଓବାଦୀ ନିହତ ହୋଇଥିବା ସଙ୍ଗଠନ ପକ୍ଷରୁ ସ୍ୱୀକାର କରାଯାଇଛି। ଅନେକ ସ୍ଥାନରୁ ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଅନେକ ସ୍ଥାନରେ ମାଓବାଦୀ ଖଞ୍ଜିଥିବା ବିସ୍ଫୋରକକୁ ଅଚଳ କରିଦିଆଯାଇଛି। ମାଓବାଦୀଙ୍କୁ ସୁରକ୍ଷା କର୍ମୀ ଗୋଡ଼ାଇଥିବା ବେଳେ ସେମାନେ ପଳାୟନ କରୁଛନ୍ତି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସଙ୍କୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ ୧୦ ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି। ମାଓବାଦୀଙ୍କୁ ମିଳୁଥିବା ଅସ୍ତ୍ରଶସ୍ତ୍ର ଏବଂ ଆର୍ଥିକ ସହାୟତାକୁ ରୋକାଯାଇଛି। ସେମାନଙ୍କୁ ବିଦେଶରୁ ମିଳୁଥିବା ସହାୟତାକୁ ବନ୍ଦ କରିବାରେ ସୁରକ୍ଷା ବାହିନୀକୁ ଅନେକାଂଶରେ ସଫଳତା ମିଳିଛି।

# ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

“ ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବର୍ଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଲଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।

ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,

# ନିଶ୍ୱାସରେ ବିଷ : ଘାତକ ପବନ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଆପଣ କେବେ ଶୀତୁଆ ସକାଳୁ ପଦ ଭ୍ରମଣରେ ଯାଉଛନ୍ତି କି? ଥଣ୍ଡା ତ ପଡ଼ିଲାଣି କିନ୍ତୁ ପବନରେ ଆପଣ ବିଷାକ୍ତ ଧୂଳିକଣା ବା କାକର ଭିଜା ଧୂଆଁର ଆଚ୍ଛାଦାନ ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି କି? ଏହାର ଉତ୍ତର ଆପଣ ନିଜେ ବୁଝି ପାରୁଥିବେ। ଗତ ଦୀପାବଳୀରେ ସୁପ୍ରିମକୋର୍ଟଙ୍କ ଅର୍ଡ଼ରକୁ ଦେଖି ସରକାରୀ ନିର୍ଦ୍ଦେଶ ଥିଲା ରାତି ଦଶଟା ଭିତରେ ବାଣଫୁଟା ସରିବ ହେଲେ ଗଳି କନ୍ଦିରୁ ଜାତୀୟ ରାଜପଥ, ନିଜଘର ଛାତ ଉପରୁ ଆଉ ନଈକୂଳ ବା ବିଚ ଯିଏ ଯେଉଁଠି ପାଇଲା ଭେଳିକି ଭଳି ବାଣ ଫୁଟାଇଲା। ପ୍ରଶାସନ ସବୁ ଦେଖିଲା କିନ୍ତୁ ଚୁପ ରହିଲା। ଏବେ ଚାରିଆଡ଼କୁ ଟିକେ ନିଜେ ଦେଖନ୍ତୁ ଆପଣଙ୍କ ଚର୍ତୁପାର୍ଶ୍ୱରେ ବାରୁଦିଆ ଗନ୍ଧ। ଆପଣଙ୍କ ଶ୍ୱାସ ପ୍ରଶ୍ୱାସକୁ ଅଣନିଶ୍ୱାସୀ କରିବା ସହ ଆଖି, ନାକ ପୋଡ଼ି ଯିବା ଭଳି ଅନୁଭୂତ ହେଉଛି।

କାଶ, ଛିଙ୍କ ତ ଆରମ୍ଭ ହୋଇଗଲାଣି। ଦୀପାବଳି ବାଣଫୁଟାର ଏହା ହେଉଛି ପରବର୍ତ୍ତୀ ପ୍ରତିକ୍ରିୟା। ଅଚାନକ ଓଡ଼ିଶାର ଅନେକ ସହରାଞ୍ଚଳ ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ହୁ ହୁ ହୋଇ ବାୟୁ ପ୍ରଦୂଷଣର ଯେଉଁପରି ଉଦବେଗଜନକ ସ୍ତର ବଢ଼ିଛି ତାହା ଅତ୍ୟନ୍ତ ବିପଜ୍ଜନକ। ସବୁ କଟକଣା, ସଚେତନତା ଓ ବାଣ ସତ୍ତ୍ୱେ ନିର୍ଧୁମ ବାଣଫୁଟାର ବିଷମ ପରିଣତିର ବିଷଫଳ ଆମେ ଏବେ ଭୋଗୁଛୁ ଓ ପରବର୍ତ୍ତୀ ସମୟରେ ଏହା ଆହୁରି ବିପଜ୍ଜନକ ମଧ ହୋଇପାରେ।

ଭୁବନେଶ୍ୱରରେ ହାରାହାରି ଏୟାର କ୍ୱାଲିଟ ଇଣ୍ଡେକ୍ସ ୪୦୦ ପାଖାପାଖିରେ ପହଞ୍ଚି ଗଲାଣି। ସେହିପରି କଟକର ବାୟୁମଣ୍ଡଳର ଗୁଣାତ୍ମକ ସୂଚକ ୨୩୮ରେ ମଧ ପହଞ୍ଚିଛି। ଦେଶର ଜନଗହଳିପୂର୍ଣ୍ଣ ସହରରେ ଗଛ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବାବେଳେ କଂକ୍ରିଟ ଜଙ୍ଗଲର ପରିମାଣ ବଢ଼ିବାରେ ଲାଗିଛି। ବାୟୁର ଏକ୍ୟୁଆଇ ମାତ୍ରା ୫୦ରୁ ୧୦୦ ମଧ୍ୟରେ ରହିଲେ ତାହା ସତର୍କ ସୂଚନା ଦେଇଥାଏ ଓ ୧୦୦ରୁ ୧୫୦ ମଧ୍ୟରେ ରହିଲେ ଏହା ଅସ୍ୱାସ୍ଥ୍ୟକର ଭାବେ ପରିଗଣିତ ହୋଇଥାଏ।

ସଂପ୍ରତି ସମ୍ବେଦନଶୀଳ ବର୍ଗ କୁହାଯାଉଥିବା ଶିଶୁ, ବୃଦ୍ଧବୃଦ୍ଧା, ରୋଗୀ ବିଶେଷକରି ଶ୍ୱାସରୋଗୀଙ୍କ ପାଇଁ ଏହି ବାୟୁ ପ୍ରଦୂଷଣ ଅତ୍ୟନ୍ତ ବିପଜ୍ଜନକ। ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ନିଷେଦ୍ଧାଦେଶ ଜାରି କରିଥିଲେ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ, ନ୍ୟାୟାଳୟ, ଧାର୍ମିକ ଅନୁଷ୍ଠାନର ଶହେ ମିଟର ପରିସୀମା ମଧ୍ୟରେ ବାଣ ନଫୁଟାଇବା, ଖୋଲା ସ୍ଥାନରେ ସବୁଜ ବାଣ ଫୁଟାଇବା, କେମିକାଲ ବାଣ ଉତ୍ପାଦନ ଓ ବିକ୍ରି ନକରିବା, ୧୨୫ ଡେସିବିଲ ସ୍ତରରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ପ୍ରସ୍ତୁତି, ବିକ୍ରି ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ହୋଇଥିଲା।

କେବଳ ସେତିକି ନୁହେଁ ଏହି ନିୟମ ଉଲ୍ଲଂଘନ ହେଲେ ଓଡ଼ିଶା ଆତସବାଜୀ ଓ ଡାକବାଜୀ ଯନ୍ତ୍ର ପ୍ରବିଧାନ ଆଇନ ୧୯୫୮ ଓ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ୨୦୦୦ ଅନୁଯାୟୀ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ହେଲେ ବିନା ଭୟରେ ଲୋକେ ପ୍ରଦୂଷଣ ସୃଷ୍ଟିକାରୀ ବାଣ ଫୁଟାଇଲେ ଓ ସଚେତନ କଟକଣା ସତ୍ତ୍ୱେ ଲୋକମାନଙ୍କ ଭିତରେ ସାମାନ୍ୟ ସଚେତନତା ଜାଗ୍ରତ ହେଲାନାହିଁ। ଏହାର ପରିଣତି ସ୍ୱରୂପ ବାୟୁମଣ୍ଡଳରେ ବିଷାକ୍ତ କଣିକା ଭର୍ତ୍ତି ହୋଇଯାଇଥିବାବେଳେ ଧୂଳି ଓ ଧୂଆଁ ମିଶା ପବନ ଏବେ ବି ବୋହୁଛି। ବିଷାକ୍ତ ପରିବେଶ ପାଇଁ ଲୋକମାନେ ଶ୍ୱାସକ୍ରିୟା ସମ୍ପାଦନ କରିବାରେ ସମସ୍ୟା ଭୋଗୁଛନ୍ତି ତେବେ ଏସବୁ ସତ୍ତ୍ୱେ ଲୋକମାନଙ୍କ ଭିତରେ ସଚେତନତା ନ ବଢ଼ିବା ଏକ ଆଶ୍ଚର୍ଯ୍ୟର ପ୍ରସଙ୍ଗ। ସତେ ଯେପରି ପରିବେଶକୁ ବିଷାକ୍ତ କରିବା ପାଇଁ ଆମ ପରି ସଚେତନ ନାଗରିକମାନେ ନିଜକୁ ପ୍ରସ୍ତୁତ କରିଛନ୍ତି।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ।

ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ।

# “ନିମୋନିଆକୁ ରୋକିବା ପାଇଁ ସଂଗ୍ରାମକୁ ଚମ୍ପିଆନ କରିବା’

॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ଶୀତର ପ୍ରକୋପ ବଢ଼ିଲାଣି। ପାର୍ବଣ ଭିତରେ ବିଶେଷକରି ପିଲାମାନେ ଆଗ୍ରହ ରଖୁଥିବା ବାଣଫୁଟା ପରିବେଶକୁ ଦିନକୁ ଦିନ ଉଦବେଗଜନକ ଭାବେ ପ୍ରଦୂଷିତ କରୁଛି। ନୂଆଦିଲ୍ଲୀରେ ଯେଉଁ ଭାବେ ପ୍ରଦୂଷଣର ଉତ୍କଟତା ଆମେମାନେ ଦେଖୁଛୁ ଏହା ସମସ୍ତଙ୍କ ପାଇଁ ଏକ ବିରାଟ ବନ ଆହ୍ୱାନ। ଶିଶୁ ସ୍ୱାସ୍ଥ୍ୟକ୍ଷେତ୍ରରେ ପ୍ରଦୂଷଣ ସେମାନଙ୍କ ଯନ୍ତ୍ରଣାକୁ ଆହୁରି ଦ୍ୱିଗୁଣିତ କରିଦେଇଥାଏ। ନିମୋନିଆର ଆଲୋଚନା କରୁଥିବାବେଳେ ଏହାସହ ପ୍ରଦୂଷଣର କେଉଁପରି ଭାବରେ ସମ୍ପର୍କ ରହିଛି ତାହା ଜାଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ନିମୋନିଆ ଏପରି ଏକ ଶ୍ୱାସ ସମ୍ପର୍କିତ ରୋଗ ଏହା ପିଲାମାନଙ୍କ ଶ୍ୱାସପ୍ରଶ୍ୱାସକୁ ଜଟିଳ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ କେତେକ କ୍ଷେତ୍ରରେ ଗୁରୁତର ମ୍ନ କରିଦେଇଥାଏ। ଏବେ ଶୀତ ବଢ଼ିବା ସହ ଦିନକୁ ଦିନ ପ୍ରଦୂଷଣ ଓ ଏଥିରେ ଧୂଳିକଣା, କାକର ଓ ଧୂଆଁ ମିଶି ଯାଉଥିବାରୁ ଏହା ପିଲାମାନଙ୍କ ପାଇଁ ବିଶେଷକରି ନବଜାତକଙ୍କ କ୍ଷେତ୍ରରେ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଦିଏ। ସମ୍ପ୍ରତି ନିମୋନିଆ ରୋଗ ବା ଫୁସଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରଷ୍ଟିସିଆଲ ନିମୋନିଆ । ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମ୍ନ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, କ୍ଲେବସିଲା, ଇ.କୋଲି ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମ୍ନ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମ୍ନରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ଘର ପରିବେଶକୁ ସର୍ବ ପ୍ରଥମେ ଦୃଷ୍ଟି ଦିଅନ୍ତୁ କାରଣ ପିଲାମାନଙ୍କ କେବଳ ନିମୋନିଆ କ୍ଷେତ୍ରରେ ନୁହେଁ ସେମାନଙ୍କର ଅନ୍ୟାନ୍ୟ ରୋଗ ପାଇଁ ଘରର ଧୂଳି, ଧୂଆଁ ଓ ଏକ ପ୍ରକାର ଦୂଷିତ ପରିବେଶ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଜଟିଳ କରିଦିଏ। ପିଲାମାନେ ରହୁଥିବା ରୁମରେ ଯେପରି ମୁକ୍ତ ପବନ ଓ ସୂର୍ଯ୍ୟାଲୋକ ପଡୁଥିବା ସେ ଦିଗକୁ ଦେଖନ୍ତୁ। ପିଲାମାନଙ୍କୁ ସୁଷମ ଖାଦ୍ୟ ଓ ସମ୍ଭବ ହେଲେ ‘ଟାପାଣି ପିଇବା ପାଇଁ ଦିଅନ୍ତୁ। ଫଳ, ସବୁଜ ପନିପରିବା, ଶାଗ ଏହାକୁ ପିଲାମାନଙ୍କ ଖାଦ୍ୟ ତାଲିକାରେ ରଖନ୍ତୁ। ତେବେ ପିଲାଙ୍କ ପାଇଁ ଏକ ଭଲ ସ୍ୱାସ୍ଥ୍ୟ ରୁଟିନଟି ତିଆରି କରନ୍ତୁ ଓ ସେମାନଙ୍କୁ ପିଲାବେଳୁ ହିଁ ଆଧାତ୍ମିକ ରାସ୍ତାରେ ଯିବା ପାଇଁ ରାସ୍ତା ଦେଖାନ୍ତୁ। ପିଲାମାନଙ୍କର ଯେକୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ସରକାରୀ ବ୍ୟବସ୍ଥିତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ କିମ୍ବା ଶିଶୁଭବନର ସହାୟତା ନିଅନ୍ତୁ। କେବଳ ନିମୋନିଆ ନୁହେଁ ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପିଲାମାନଙ୍କୁ ଗୁଣିଟୁଣି ବା ତୁଟୁକା ତୁଟୁକି ଚିକିତ୍ସାକୁ ଗୁରୁତ୍ୱ ନଦେଇ କେବଳ ସରକାରୀ ବ୍ୟବସ୍ଥିତ ସ୍ୱାସ୍ଥ୍ୟ ସେବାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ‘କୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ଅଙ୍ଗନବାଡି ଦିଦିଙ୍କ ମନମାନିକୁ ନେଇ ଉତ୍ତେଜନା



ପାରାଦୀପ, (ମହାଭାରତ) : ଉତ୍ତେଜନା ପ୍ରବଣ ହୋଇପଡିଛି ପାରାଦୀପ ଉପକଣ୍ଠ ନୂଆଗଡ ପଞ୍ଚାୟତ ର ବିଜୟଚାନ୍ଦପୁର ଗାଁ । ଗ୍ରାମରେ ରହିଥିବା ଅଙ୍ଗନବାଡି କେନ୍ଦ୍ରର ଦିଦିଙ୍କ ମନମାନି କୁ ନେଇ ଗ୍ରାମର ସାମୁହିକ ମହିଳା ମାନେ ଉଠାଇଛନ୍ତି ବିଦ୍ରୋହର ସ୍ୱର । ଯାହାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ଗାଁ ରେ ଅଛି ଅଙ୍ଗନବାଡି କେନ୍ଦ୍ର, ହେଲେ ପିଲାଙ୍କୁ ମିଳୁନି ପାଠ ପଢାର ସୁବିଧା ନାଁ ମିଳୁଛି ସରକାରଙ୍କ ତରଫରୁ ଆସୁଥିବା ଛତୁଆ ଅଣ୍ଡା । ଯାହାକୁ ନେଇ ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗ୍ରାମରେ ରହିଥିବା ଅଙ୍ଗନବାଡ଼ି ଦିଦି ଙ୍କ ଘର ସମ୍ମୁଖରେ ହୋହଲ୍ଲା କରିଛନ୍ତି । ଗ୍ରାମର ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ଅଙ୍ଗନବାଡ଼ି ଦିଦିଙ୍କ ମନମାନିରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର । ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ରହିଥିବା ବେଳେ ଅଙ୍ଗନବାଡ଼ି ଦିଦି ନିଜ ଘରେ ପିଲାଙ୍କୁ ପଢ଼ାଉଛନ୍ତି, ପିଲାମାନଙ୍କ ପାଇଁ ସରକାରଙ୍କ ତରଫରୁ ଆସୁଥିବା ଅଣ୍ଡା, ଛତୁଆ, ଡାଲି, ଚାଉଳ ସବୁ ପିଲା ଓ ମାଙ୍କୁ ମିଳୁନାହିଁ । ଏହାକୁ ଅଙ୍ଗନବାଡ଼ି ଦିଦି ହଡପ କରି ବିକ୍ରି କରୁଥିବା ନେଇ ଅଭିଯୋଗ ଆଣି ସହିତ ଏ ନେଇ କୁଜଙ୍ଗ ସିଡିପିଓ ଓ ଜିଲ୍ଲାପାଳ ଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି । ଦୁର୍ନୀତିରେ ଲିପ୍ତ ଥିବା ଉକ୍ତ ଅଙ୍ଗନବାଡି ଦିଦିଙ୍କୁ ତୁରନ୍ତ ସରକାରଙ୍କ ତରଫରୁ ଛଟେଇ କରି ନୂତନ ଅଙ୍ଗନବାଡି ଦିଦି ନିଯୁକ୍ତି କରିବାକୁ ଦାବି ନେଇ ଗ୍ରାମରେ ମହିଳା ମାନେ ନାରାବାଜି କରିବା ସହିତ ଅଙ୍ଗନବାଡି କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି । ଯେ ପର୍ଯ୍ୟନ୍ତ ଏହି ଅଙ୍ଗନବାଡି ଦିଦିଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇନାହିଁ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ମହିଳା ମାନେ ଚେତାବନୀ ଦେଇଥିବା ବେଳେ ଆଜି ପରିସ୍ଥିତି ଉତ୍ତେଜନା ପ୍ରବଣ ହୋଇପଡିଛି । ଯାହାକୁ ନେଇ ପାରାଦୀପ ବିଜୟଚାନ୍ଦପୁର ଗାଁ ରେ ଦେଖିବାକୁ ମିଳିଛି ଉତ୍ତେଜନା ପରିସ୍ଥିତି । ଅଙ୍ଗନବାଡ଼ି ଦିଦିଙ୍କ ଘରକୁ ଘେରି ଧାରଣା ରେ ବସିଛନ୍ତି ଗ୍ରାମର ଶତାଧିକ ମହିଳା । ଅଙ୍ଗନବାଡ଼ି କେନ୍ଦ୍ରରେ ଦୁର୍ନୀତି ଏବଂ ଅନିୟମିତତା ଅଭିଯୋଗରେ ଦିଦିଙ୍କ ଘର ଘେରାଉ କରିଛନ୍ତି ଗାଁର ଶତାଧିକ ମହିଳା, ଯାହାକୁ ନେଇ ଗ୍ରାମରେ ଏକ ପ୍ରକାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ଛତୁଆ, ଅଣ୍ଡା, ସୁଜି, ଲଡୁ, ଶୋଲା, ମୁଢି ଇତ୍ୟାଦିର ଦୁର୍ନୀତି ଅଭିଯୋଗ କରିଛନ୍ତି ମହିଳା । ଉକ୍ତ ଅଙ୍ଗନବାଡି କେନ୍ଦ୍ରରେ କିଶୋରୀ ବାଳିକାମାନଙ୍କ ବୈଠକ ଠାରୁ ନେଇ ଶିଶୁଙ୍କ ପାଠ ପଢା ହେଉ ନଥିବା ଅଭିଯୋଗ ଆଣିବା ସହିତ କୌଣସି କାମ ଥିଲେ ଲାଞ୍ଚ ମାଗୁଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ଧାରଣାରତ ମହିଳାମାନେ । ଯଦି କେହି ଏହାର ପ୍ରତିବାଦ କରୁଛନ୍ତି ତେବେ ଗ୍ରାମବାସୀଙ୍କୁ ଦିଦି ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଏପରିକି ଚଞ୍ଚକତାପୂର୍ବକ ନିଜ ଝିଅକୁ ସେହି କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଗାଁ ଲୋକେ । ତେବେ ମହିଳା ମାନଙ୍କ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି ଅଙ୍ଗନବାଡ଼ି ଦିଦି । କହିଛନ୍ତି ମୋ ପାଖରେ ସମ୍ପୂର୍ଣ୍ଣ ପ୍ରମାଣ ଅଛି । ହେଲେ ଏହି ଘଟଣା କୁ ନେଇ ସିଡିପିଓ ଆକ୍ସନ ମୁଡ଼ରେ ରହିଥିବା ନେଇ ଯାହା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି ।

# ନୂଆଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର



ନୂଆଗାଁ, (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ,ଏସପି ଏସ ସୁଶ୍ରୀ,ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ,ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା, ଅମୃତ କୁମାର ରାଉଳ ,ତହସିଲଦାର ହେମନ୍ତ କୁମାର ନାୟକ, ବ୍ଲକ୍ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସହ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୬୧ଟି ଆପତ୍ତି ଅଭିଯୋଗ ହୋଇଥିଲା । ସେଥି ମଧ୍ୟରୁ ୫୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୦୮ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ହୋଇଥିଲା ।ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ଏବଂ ରେଡ଼କ୍ରସ ରୁ କୌଣସି ଅଭିଯୋଗ ହୋଇନଥିବା ବେଳେ ୧୭ଟି ତୁରନ୍ତ ସମାଧାନ ହୋଇଥିଲା ।ଏହା ସହିତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ମାଇଛେଳି ପଞ୍ଚାୟତ ଗୋଛାବାରୀ ଗ୍ରାମର କୃପାସିନ୍ଧୁ ବେହେରା ଏବଂ ଖଣ୍ଡୁଗାଁ ପଞ୍ଚାୟତ ଗୁଲୁଗୁଲା ଗ୍ରାମର ଉଛବ ନାୟକ ଦୁଇଜଣ ବୃଦ୍ଧାଙ୍କୁ ହୁଇଲି ଚେୟାର ଓ ଟ୍ରାଏ ସାଇକେଲ ପ୍ରଦାନ କରିଥିଲେ ।

## ଅସହାୟଙ୍କ ଆଶା ବାଡ଼ି ସାଜିଛି ବ୍ୟାସ ଫାଉଣ୍ଡେସନ



ପାରାଦୀପ/ଜଗତସିଂହପୁର, (ମହାଭାରତ) : ସମ୍ପ୍ରତି ସମାଜରେ ବୃଦ୍ଧ ବାପା ମାଙ୍କୁ ପୁଅ ବୋହୂ ମାନେ ଅତ୍ୟାଚାର ଓ ଘରୁ ବାହାର କରି ଦେଉଥିବାର ବହୁ ନଜିର ରହିଛି । ତେବେ ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ଯଶୋବନ୍ତପୁର ଅଞ୍ଚଳ ର ପ୍ରଫୁଲ୍ଲ ମହାପାତ୍ର (୭୨) ଓ ପ୍ରମିଳା ମହାପାତ୍ର (୭୦) ପିଲାମାନଙ୍କ ଦ୍ୱାରା ନିର୍ଯ୍ୟାତିତ ଓ ଅବହେଳିତ ହୋଇ ନିଜ ଘର ଛାଡି ଅନ୍ୟତ୍ର ଏକ ଭଡା ଘରେ ରହିଆସୁଛନ୍ତି । ପରିଣତ ବୟସରେ ଯେଉଁଠି ପିଲାମାନେ ବାପା ମା ଙ୍କର ସାହାରା ବନିବା କଥା ସେଠି ପୁଅ ବୋହୂ ତାଙ୍କର ବିବାହ ବିଚ୍ଛେଦ କୁ ନେଇ ବ୍ୟସ୍ତ ରହି ବାପା ମା ଙ୍କୁ ଦୀର୍ଘଦୀନ ଧରି ଅଣଦେଖା କରିଆସୁଛନ୍ତି । ଏ ସମ୍ପର୍କ ରେ ବୃଦ୍ଧ ଦମ୍ପତି ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ସହିତ ଯୋଗାଯୋଗ କରିବା ସହ ଅନ୍ତିମ ଜୀବନ ଶାନ୍ତିରେ କଟାଇବା ପାଇଁ ଅନୁରୋଧ କରିଥିଲେ । ପରେ ଶ୍ରୀମତୀ ଅଚର୍ଯ୍ୟ ଓ ଉପସଭାନେତ୍ରୀ ରଶ୍ମିତା ନାୟକ ପ୍ରମୁଖ ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ନିଶ୍ଚିମୁକ୍ତା ପଟନାୟକଙ୍କୁ ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରାଇବା ପାଇଁ ଏ ସମ୍ପର୍କରେ ଅବଗତ କରାଇଥିଲେ । ସୋମବାର ଦିନ ଉପଜିଲ୍ଲାପାଳଙ୍କ କୋର୍ଟରେ ଉଭୟ ପକ୍ଷଙ୍କୁ ଡକାଇ ସମସ୍ତ କଥାକୁ ବିଚାର ବିମର୍ଶ କରି ବୃଦ୍ଧ ଦମ୍ପତି ଙ୍କୁ ନିଜ ଘରେ ରହିବାକୁ ପରାମର୍ଶ ଦେବା ସହ ପୁଅ ବୋହୂଙ୍କୁ ଭଡା ଘରେ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏବଂ ପୁଅ ବୋହୁଙ୍କର ବିବାହ ବିଚ୍ଛେଦ ସମସ୍ୟା ର ସମାଧାନ ନ ହେବା ପର୍ଯ୍ୟନ୍ତ ପୁଅ ପ୍ରତେକ ମାସରେ ନିଜ ସ୍ତ୍ରୀକୁ ଘର ଭଡା ଦେବା ସହ ଭରଣପୋଷଣ ଦେବା ପାଇଁ କହିଥିଲେ । ଉପଜିଲ୍ଲାପାଳ ଏବଂ ବ୍ୟାସ ଫାଉଣ୍ଡେସନର ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏହି ଭଳି ସହୃଦୟତା ଓ ପଦେକ୍ଷେପ ସେମାଙ୍କର ଆଶା ବାଡ଼ି ସଦୃଶ ହେଉଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଅଛି ।

## ପାରମ୍ପାରିକ ଧାନରୁଆ ମହିଳାଙ୍କୁ ଦେଉଛି ରୋଜଗାର: ଏକତା ଡୋରିରେ ବାନ୍ଧି ରଖିଛି ରୁଆ ବେଉଷଣ



ଜୁନାଗଡ଼, (ମହାଭାରତ): କଳାହାଣ୍ଡି କୃଷି ଓ କୃଷକଙ୍କ ଜିଲ୍ଲା ଏଠି ପ୍ରାୟତଃ ନିଜର ଜୀବନ ଜୀବିକାର ଚାଷ କାର୍ଯ୍ୟ ଉପରେ ନିର୍ଭର କରନ୍ତି । ଜୀବନ ଜୀବିକା ପ୍ରଧାନ ପନ୍ଥା କୃଷି ହୋଇଥିବା ବେଳେ ଅନେକ ସମୟରେ ଅଞ୍ଚଳବାସୀ ଧାନ ଉତ୍ପାଦନ କରି ଆସୁଛନ୍ତି ।ମଣିଷ ସଭ୍ୟତାର ଅସ୍ତିତ୍ୱ ପାଇଁ ଆଦ୍ୟରୁ କୃଷି ଉପରେ ନିର୍ଭର କରି ଆସୁଥିବା ବେଳେ ସମୟର ସ୍ରୋତରେ ଆଧୁନିକ କୃଷି ଯନ୍ତ୍ରପାତି, ନୂତନ କୃଷି ପଦ୍ଧତି,ନୂତନ ବୈଷୟିକ ଜ୍ଞାନ କୌଶଳ,ଆଧୁନିକ କୃଷି ପ୍ରଣାଳୀ, ବୈଜ୍ଞାନିକ ଦୃଷ୍ଟିକୋଣ କୃଷି କ୍ଷେତ୍ରରେ ସମୟ ଲାଘବ କରିବା ସହ ଶ୍ରମଦାନ ସ୍ୱରକୁ ହ୍ରାସ କରିଛି । ଅନ୍ୟପକ୍ଷେ ହଜାରେ ବର୍ଷରୁ ଚାଲି ଆସୁଥିବା ପାରମ୍ପାରିକ କୃଷି ପ୍ରଣାଳୀ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ଯାନ୍ତ୍ରିକ ଯୁଗର ବିକାଶ ଫଳରେ ଆଧୁନିକ ଚାଷ ପଦ୍ଧତି ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି ପାଇଛି । ଏସବୁ ସତ୍ତ୍ୱେ ଆଜିବି ଅନେକ ପ୍ରତିଶତ ଅତି ଗରିବ ଶ୍ରେଣୀର ଚାଷୀ ପରିବାର ଆଜିବି ପୁରାତନ ପାରମ୍ପାରିକ ଚାଷ ପଦ୍ଧତି ଅବଲମ୍ବନ କରି ଆସୁଛନ୍ତି ।କ୍ଷେତ ପ୍ରସ୍ତୁତି ପାଇଁ ବଳଦ ହଳ, ସାହାଯ୍ୟରେ ଧାନ ରୁଆ ଆଦି କୃଷିକାର୍ଯ୍ୟ ଆଦି ଜିଲ୍ଲା ଜୁନାଗଡ଼ ବ୍ଲକର ଗ୍ରାମାଞ୍ଚଳ ମାନଙ୍କରେ ଚାଷୀ ପରିବାର ଏହି ପାରମ୍ପାରିକ ପୁରାତନ ପଦ୍ଧତି ଅନୁସରଣ କରୁଛନ୍ତି । ଏସବୁ କୃଷି ଭିତ୍ତିକ କାର୍ଯ୍ୟରେ ମହିଳାଙ୍କ ଅଂଶୀଦାର ବହୁଳ ମାତ୍ରାରେ ଦେଖିବାକୁ ମିଳିଥାଏ । ବର୍ଷା ଅଭାବରୁ କେଉଁଠି ଚାଷଜମିକୁ ଧାନ ରୁଆ ପାଇଁ କେଉଁଠି ଚାଷୀ କ୍ଷେତ ପ୍ରସ୍ତୁତ କରୁଥିବା ବେଳେ, କେଉଁଠି ଚାଷୀ ଜମିରେ ଧାନ ରୋଇ ସାରିଲାଣି ତ କେଉଁଠି ଚାଲିଛି ଧାନରୁଆ କାର୍ଯ୍ୟ । ପୁରାତନ ପାରମ୍ପାରିକ ଚାଷ ପ୍ରଣାଳୀରେ ଏବେବି ଚାଷ କାର୍ଯ୍ୟ ଚାଲିଛି । ଗାଁ ମହିଳାମାନେଦଳଗତ ଭାବେ ଅର୍ଥ ରୋଜଗାର କରିବାକୁ ଧାନ ରୁଆ କାର୍ଯ୍ୟରେ ବ୍ୟସ୍ତ ଥିବା ଚିତ୍ର ଦେଖିବାକୁ ମିଳୁଛି । ପଲ୍ଲୀ ଗୃହିଣୀ, ପଲ୍ଲୀ ଯୁବତୀ, ଗାଁର ବୟସ୍କ ମହିଳା ଦଳଗତ ଭାବେ ଧାନ ରୁଆ କାର୍ଯ୍ୟ କରିବାକୁ ଯାଇଥାନ୍ତି । ଗୋଟିଏ ଦଳରେ କେତେ ମହିଳା ରହିବେ ଜମି ମାଲିକ ସହ ଆଲୋଚନା ପରେ ସ୍ଥିର କରିଥାନ୍ତି । ଦୈନିକ ମଜୁରୀ ପ୍ରକାରେ ହେଉ କି ଠିକା ପ୍ରକାରେ ହେଉ, ରୋଇବା କାର୍ଯ୍ୟ ଜାରି ରଖନ୍ତି । ଭୋର ସକାଳୁ ଉଠି ଘରକାମ ସହ ରୋଷେଇ କାମ ସାରି ଗଣ୍ଡେ ଖାଇ ମଧ୍ୟାହ୍ନ ଭୋଜନ ଧରି କ୍ଷେତରେ ପହଞ୍ଚିଥାନ୍ତି । ଅପରାହ୍ନରେ ସାମାନ୍ୟ ବିଶ୍ରାମ ସହ ଘରୁ ଆଣିଥିବା ଖାଦ୍ୟ ଜମି ହୁଡ଼ା କି ଘାସ ଉପରେ ବସି ଖାଇଥାନ୍ତି ହାଣ୍ଡିଶାଳ ଶାଗ ତରକାରୀ ପରସ୍ପର ମଧ୍ୟରେ ଦିଆନିଆ ହୋଇ ଖାଇଥାନ୍ତି । ପାଣି କାଦୁଅରେ ହାତ ପାଦ ଭିଜି ବତୁରି ଯାଏ । ଘଣ୍ଟା ଘଣ୍ଟା ଧରି ପାଣି କାଦୁଅରେ ଧାନ ରୁଆ କାର୍ଯ୍ୟ କଷ୍ଟସାଧ ହେଲେ ମଧ୍ୟ ଗରିବ, ଅତି ଗରିବ ଶ୍ରେଣୀ ମହିଳା ବର୍ଷା ଋତୁ ଆସିଲେ ଏହି କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଥାନ୍ତି । ଠିକାରେ ଯଦି ଧାନ ରୁଆ ହୋଇଥାଏ ଦୈନନ୍ଦିନ ନିର୍ଦ୍ଧାରିତ ମଜୁରୀ ଅପେକ୍ଷା ସାମାନ୍ୟ ଅଧିକ ଟଙ୍କା ପାଇଥାନ୍ତି ମହିଳାମାନେ ଦିନ ମଜୁରୀରେ କେଉଁଠି ୨୦୦ ଟଙ୍କା ତ ଆଉ କେଉଁଠି ୨୫୦ ଟଙ୍କା ମଜୁରୀ ଚାଲିଛି । ଏକକାଳୀନ ରୁଆ କାର୍ଯ୍ୟ ଚାଲୁଥିବାରୁ ବଡ଼ ଚାଷୀ, ମଧ୍ୟମ ଚାଷୀ ଏମାନଙ୍କ ନିକଟକୁ ଆସି ଦିନ ମଜୁରୀ ଓ ଠିକା ଆକାରରେ ଛିଡାଇ ଅଗ୍ରିମ ଟଙ୍କା ନେଇଥାନ୍ତି । ଦଳର ନେତୃତ୍ୱ ନେଉଥିବା ମୁଖିଆ ଏବଂ ସହଯୋଗୀ ମହିଳା କିଛି ଜମିର କ୍ଷେତ୍ରଫଳ ଦେଖି ରୁଆ ଖର୍ଚ୍ଚ ନିର୍ଦ୍ଧାରିତ କରିଥାନ୍ତି । ନିକଟ ଓ ଦୂରବର୍ତ୍ତୀ ସ୍ଥାନକୁ ଯାଇ କାର୍ଯ୍ୟ କରି ଆସୁଛନ୍ତି । କାମ ସାରି ପୁଣି ଘର କାମ କରିବାକୁ ଜମିରୁ ସଞ୍ଜ ନଇଁବା ବେଳକୁ ଘର ଅଭିମୁଖେ ଫେରିଥାନ୍ତି । ଯାନ୍ତ୍ରିକ ଯୁଗରେ ପୁରାତନ ପଦ୍ଧତିରେ ଚାଷ କାର୍ଯ୍ୟ ତ୍ୱରିନିତ ହେବାରୁ ମହିଳା ମାନଙ୍କୁ ରୋଜଗାର କ୍ଷମ କରିବାରେ ସହାୟକ ସାଜୁଛି । ଫଳରେ ମହିଳା ମାନେ ଏକତ୍ରିତ ହୋଇ ରୁଆ କାର୍ଯ୍ୟ କରିବାକୁ ଉତ୍ସାହିତ ହେଉଛନ୍ତି ।

## ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଘଠନ ମିଳିତ ଉଦ୍ୟମରେ ନିଆରା ପ୍ରୟାସ




ଅନୁଗୋଳ,( ମହାଭାରତ): ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଘଠନ ମିଳିତ ଉଦ୍ୟମରେ ନିଆରା ପ୍ରୟାସ । ହିନ୍ଦୋଳ ସ୍ଥିତ ରଞ୍ଜାଗୋଳ ପଞ୍ଚାୟତର ଖଜୁରିଆ ଗ୍ରାମର ଗ୍ରାମବାସୀ ଓ ସ୍ୱୟଂ ସଂକଳ୍ପ ସେବା ସଙ୍ଗଠନ ର ମିଳିତ ଉଦ୍ୟମରେ ଖଜୁରିଆ ଗ୍ରାମର ଗ୍ରାମ ଦେବୀ ମା ମହିସାସୁରୀ ପୀଠରେ ଶତାଧିକ ବୃକ୍ଷ ରୋପଣ କରାଯାଇଛି । ପୀଠ ର ପାରିପାର୍ଶ୍ୱିକ ସ୍ଥାନର ଅଳିଆ ଆବର୍ଜନା ସଫା କରିବା, ଝାଡୁ କରିବା ଏବଂ ଘାସ ବୁଦା ସଫା କରି ଏବଂ ମାଆଙ୍କ ପୀଠ ଚାରିପାଖେ ବୃକ୍ଷ ରୋପଣ କରାଯାଇଛି । ସ୍ୱଂୟ ସଂକଳ୍ପ ସେବା ସଙ୍ଗଠନ ର ସଦସ୍ୟ ଓ ଗ୍ରାମର ଯୁବକ ଗୋଷ୍ଠୀ ସରୋଜ କୁମାର ସାହୁ, ଗଙ୍ଗାଧର ସାହୁ, ସୁଧିର ସାହୁ, କ୍ଷିରୋଦ କୁମାର ସାହୁ, ଶ୍ରୀକୃଷ୍ଣ ସାହୁ , ଜିତୁ ସାହୁ ପ୍ରମୁଖ ଉପସ୍ଥିତି ଥିଲେ । ଯୁବ ଗୋଷ୍ଠୀ ତଥା ସେବା ସଂଘଠନ ର ଏଭଳି ପ୍ରୟାସ ଦେଖି ଗ୍ରାମ ବାସୀ ବେଶ୍ ପ୍ରସଂଶିତ କରିଛନ୍ତି । ଏଭଳି ନିଆରା ଉଦ୍ୟମ ପାଇଁ ଗ୍ରାମବାସୀ ମାନେ ବେଶ୍ ଖୁସି ଅନୁଭବ କରିଛନ୍ତି । ଆଗକୁ ଗ୍ରାମର ପୋଖରୀ ହୁଡ଼ା, ରାସ୍ତା କଡ ଓ ଖୋଲା ଜାଗାରେ ବୃକ୍ଷ ରୋପଣ ଜାରି ରଖିବା ପାଇଁ ମତ ରଖି ଛନ୍ତି ସେବା ସଂଗଠନ ର ସଂସ୍ଥାପକ ସୁବାସ ଚନ୍ଦ୍ର ସାହୁ ମତବ୍ୟକ୍ତ ପ୍ରକାଶ କରିଛନ୍ତି ।

## କଣ୍ଟାପଡ଼ା ଗୋବିନ୍ଦପୁରରେ ୮ଟି ବାଲି ବୋଝେଇ ହାଇୱା ଜବତ

କଣ୍ଟାପଡ଼ା, (ମହାଭାରତ): ଗତ କାଲି ସନ୍ଧ୍ୟାରେ ଗୋବିନ୍ଦପୁର ଥାନା ପୋଲିସ ଏବଂ ତହସିଲଦାର କଣ୍ଟାପଡ଼ାଙ୍କ ମିଳିତ ଚଢାଉ କରି ବେଆଇନ ବାଲି ଉଠାଣରେ ଜଡିତ ୮ଟି ବାଲି ବୋଝେଇ ହାଇୱା ଟ୍ରକକୁ ଜବତ କରି ଅଟକ ରଖାଯାଇଛି । ଗତ ଜୁଲାଇ ମାସ ଚିଠି –୨୩୪୩ ତା ୨/୭/୨୦୨୫ ରିଖରେ ଉପ ନିର୍ଦ୍ଦେଶକ ଖଣି ବିଭାଗ ତରଫରୁ କଟକ ଜିଲ୍ଲାରେ ଥିବା ସମସ୍ତ ବାଲି ଘାଟକୁ ବନ୍ଦ କରିବାକୁ ଏକ ନିର୍ଦ୍ଦେଶ ନାମା ଜାରି କରିଥିଲେ । ମାତ୍ର କିଛି ବାଲି ଘାଟ ମାଲିକ ଓ ବାଲି ମାଫିଆ ଏହି ନିର୍ଦ୍ଦେଶ ନାମା କୁ ଖାତିର ନକରି ନିର୍ଦ୍ଧୁମ ବାଲି ଚାଲାଣ ହେଉଥିବା ନେଇ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲା । ମାତ୍ରାଧିକ ବାଲି ବୋଝେଇ ବଡ଼ ବଡ଼ ହାଇୱା ଟ୍ରକ୍ ରାତିରେ ଏବଂ ସକାଳେ ଯିବା ଆସିବା ଦ୍ୱାରା ବହୁବାର ଦୁର୍ଘଟଣାରେ ଘଟି ବହୁ ଲୋକ ଆହାତ ଓ ମୃତ୍ୟୁ ବରଣ କରୁଥିବା ନେଇ ବହୁବାର ବିଭିନ୍ନ ସମୟରେ ଗୋବିନ୍ଦପୁରବାସି ଅଭିଯୋଗ କରି ଆସୁଛନ୍ତି । ଗତ କାଲି ରାତିରେ ବାଲି ବୋଝେଇ ଗାଡ଼ି ଗୁଡ଼ିକ ଜବତ ପରେ ଗୋବିନ୍ଦପୁର ଥାନା ଏବଂ କଣ୍ଟାପଡ଼ା ତହସିଲ ତରଫରୁ କଟକ ଖଣି ବିଭାଗକୁ ସୂଚନା ଦିଆଯାଇଥିଲା । ଏହି ଜବତ ବାଲି ବୋଝେଇ ଗାଡ଼ି ଗୁଡ଼ିକ ମଧ୍ୟରୁ ଅଧିକାଂଶ ପୁରୀ ଜିଲ୍ଲାର ବୋଲି ଚଢାଉ ପରେ କଟକ ଖଣି ବିଭାଗ ତରଫରୁ କୁହାଯାଉଛି । ବାଲି ବୋଝେଇ ଥିବା ଟ୍ରକ୍ ଗୁଡ଼ିକର ସମସ୍ତ ଡ୍ରାଇଭର ଟ୍ରକ୍ ଛାଡ଼ି ଫେରାର ହେବା ଫଳରେ ଜବତ ହୋଇଥିବା ୮ଟି ଗାଡ଼ିର ମାଲିକମାନଙ୍କୁ ଖଣି ବିଭାଗ ତରଫରୁ ନୋଟିସ ଜାରି କରିଛି । ଏହି ୮ଟି ବାଲି ବୋଝେଇ ଗାଡ଼ି ବିରୁଦ୍ଧରେ ପୁରୀ ଜିଲ୍ଲା ଖଣି ବିଭାଗକୁ ମଧ ଲିଖିତ ଜଣାଇଲା କଟକ ଜିଲ୍ଲା ଖଣି ବିଭାଗ । ଖଣି ବିଭାଗ ତରଫରୁ ମାଲିକ ମାନଙ୍କୁ ଜାରି ନୋଟିସ ଅନୁସାରେ ସେମାନେ ଖଣି ବିଭାଗକୁ ଆସିଲା ପରେ ସମସ୍ତ ଗାଡିର କାଗଜ ପତ୍ର ସବୁ ଯାଞ୍ଚ ପରେ ପ୍ରତ୍ୟେକ ଗାଡ଼ି ପିଛା କେତେ ଜରିମାନା ଧାର୍ଯ୍ୟ ହେବ ବୋଲି କଟକ ଜିଲ୍ଲା ଖଣି ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି ।

## ପାଠ୍ୟ ପୁସ୍ତକ ବଣ୍ଟନରେ ଅନିୟମିତତା, ଛାତ୍ର ଛାତ୍ରୀ ଓ ଅଭିଭାବଙ୍କ ଭିତରେ ତୀବ୍ର ଅସନ୍ତୋଷ

ବସ୍ତା, (ମହାଭାରତ) : ଉନ୍ନତ ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବାର୍ଷିକ କୋଟି କୋଟି ଟଙ୍କା ସାରି ମାଗଣାରେ ପାଠ୍ୟ ପୁସ୍ତକ, ୟୁନିଫର୍ମ ସହିତ ଜୋତା ମୁଜା ଇତ୍ୟାଦି ଯୋଗାଇ ଦେବା ସହିତ ମେଧା ବୃତ୍ତି ଇତ୍ୟାଦି ଯୋଗାଇ ଦେଇଥାନ୍ତି । ମାତ୍ର ଏହାର ବ୍ୟତିକ୍ରମ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଦେଖିବାକୁ ମିଳିଛି । ଛାତ୍ର ଛାତ୍ରୀଙ୍କୁ ୟୁନିଫର୍ମ ମିଳି ନଥିବା ବେଳେ, ପୁସ୍ତକ ବଣ୍ଟନରେ ଅନିୟମିତତା ଅଭିଯୋଗ ସାମ୍ନା କୁ ଆସିଛି । ନୂତନ ଶିକ୍ଷାନୀତି ରେ ସରକାର ସରକାରୀ ଓ ବେସରକାରୀ (ଘରୋଇ) ବିଦ୍ୟାଳୟ କୁ ମାଗଣାରେ ପୁସ୍ତକ ଯୋଗାଇ ଦେଇଥିଲେ ବି , ଶିକ୍ଷା ବର୍ଷ ଅଧା ହେବାକୁ ବସିଥିବା ଥିବା ବେଳେ ବେସରକାରୀ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କେଉଁଠି କେମିତି ଅଳ୍ପ କିଛି ବହି ଦିଆଯାଇଥିବା ବେଳେ , ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସରକାରୀ ବହି ପାଇପାରି ନାହାନ୍ତି ।ଯାହା ପାଇଁ ଛାତ୍ର ଛାତ୍ରୀଙ୍କ ପାଠ ପଢାରେ ସମସ୍ୟା ଦେଖା ଦେଖା ଦେଇଛି । ଯାହାକୁ ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ସେହିପରି ଦୀର୍ଘ ଦିନ ହେବ ବସ୍ତାରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଥିବା ବେଳେ, ଅତିରିକ୍ତ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଙ୍ଗେଶ୍ୱର ଜେନା ମଧ ଠିକ୍ ଭବେ ଅଫିସ କୁ ଆସୁ ନାହାନ୍ତି । ଯାହାକୁ ନେଇ ବିଭିନ୍ନ ସମସ୍ୟା ର ସମାଧାନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ନେତୃବୃନ୍ଦ ବାରମ୍ୱାର ଯାଇ ଦିର୍ଘ ସମୟ ଅପେକ୍ଷା କରି ନିରାଶ ହୋଇ ଫେରୁଛନ୍ତି । ତୁରନ୍ତ ଜିଲ୍ଲାପ୍ରଶାସନ ଓ ଶିଖା ବିଭାଗ ଉକ୍ତ ସମସ୍ୟା କୁ ଗୁରୁତର ସହିତ ଗ୍ରହଣ କରି ସ୍ଥାୟୀ ସମାଧାନ କରିବାକୁ ସାଧାରଣ ରେ ଦୃଢ଼ ଦାବି ହୋଇଛି ।

## ବିଶ୍ୱପ୍ରସିଦ୍ଧ ଲଙ୍କାପୋଡି ନିମନ୍ତେ ୧୦ ଲକ୍ଷ ପ୍ରାପ୍ତ




ଦଶପଲ୍ଲା, (ମହାଭାରତ): ପ୍ରଭୂ ଶ୍ରୀ ମହାବୀରଙ୍କ କ୍ଷେତ୍ର ଭାବେ ଦଶପଲ୍ଲା ପରିଚିତ । ମହାବୀର କ୍ଷେତ୍ର ତଥା ଦଶପଲ୍ଲା ଲଙ୍କାପୋଡି ଯାତ୍ରା ପାଇଁ ବିଶ୍ୱ ପ୍ରସିଦ୍ଧ । ବିଗତ ବହୁ ବର୍ଷ ଧରି ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ମୁକ୍ତା କାଶ ରଙ୍ଗ ମଞ୍ଚ ଭାବେ ବେଶ ପ୍ରସିଦ୍ଧ । ଗଣ୍ଡାବଧ,୪୫ ଫୁଟ ଉଚ୍ଚ କାଷ୍ଠ ନିର୍ମିତ ରାବଣ, ସୀତାଚୋରି, ରାବଣପୋଡି ଆଦି ଏହି ଯାତ୍ରା ର ମୁଖ୍ୟ ଦୃଶ୍ୟ ବିଷୟ ବସ୍ତୁ । ଯାତ୍ରା କମିଟିର ସଦସ୍ୟଙ୍କ ପ୍ରଚେଷ୍ଟାରେ ଯାତ୍ରା ସମ୍ପାଦିତ ହୋଇଥାଏ । ଅନେକ ବାଧାବିଘ୍ନ ସତ୍ୱେ କମିଟି ଦ୍ୱାରା ଏହି ଐତିହାସିକ ପରମ୍ପରା କୁ ବଂଚେଇ ରଖିଛନ୍ତି । ତେବେ ଅନେକ ଦିନରୁ ଯାତ୍ରା ପାଇଁ ସରକାରୀ ଅନୁଦାନ ପାଇଁ ଦାବୀ ହୋଇ ଆସୁଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା । ବର୍ତ୍ତମାନ ର ବିଜେପି ସରକାର ତଥା ମୋହନ ସରକାର ଏ ଯାତ୍ରା ପାଇଁ ୧୦ ଲକ୍ଷ୍ୟ ଟଙ୍କା ମଂଜୁର କରିଛନ୍ତି । ବର୍ତ୍ତମାନ ର କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ତଥା ଯାତ୍ରା କମିଟିର ସଭାପତି ଚଳିତ ବର୍ଷ ଲଙ୍କାପୋଡି ଯାତ୍ରାକୁ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତଥା ବିଜେପି ର ଅନ୍ୟ ବରିଷ୍ଠ ବିଧାୟକ ଙ୍କୁ ନିମନ୍ତ୍ରଣ କରିବା ସହିତ ସେମାନଙ୍କ ଦୃଷ୍ଟି ଗୋଚର କୁ ଆଣିଥିଲେ । ଏ ଯାତ୍ରା ପାଇଁ ସରକାରୀ ଅନୁଦାନ ଦେବାକୁ ସମସ୍ତ ଅତିଥି ପ୍ରତିଶୃତି ଦେଇଥିଲେ । ତେବେ ପ୍ରତିଶୃତି ଆଜି ସତ ରେ ପରିଣତ ହୋଇଛି । ୧୦ ଲକ୍ଷ୍ୟ ଟଙ୍କାର ଅନୁଦାନ ସରକାର ମଂଜୁର କରିଥିବା ଜଣାପଡିଛି । ଏଥିପାଇଁ ଦଶପଲ୍ଲା ଲଙ୍କାପୋଡି ଯାତ୍ରା କମିଟି ତଥା ସମସ୍ତ ଜନସାଧାରଣଙ୍କ ତରଫରୁ ବିଜେପି ସରକାର ଓ ସଂସ୍କୃତି ବିଭାଗୀୟ ମନ୍ତ୍ରୀଙ୍କ ସହିତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ବାରାହା ଶାବକ ସହ ୪୨ କେଜି ମାଂସ ଜବତ : ୧୧ ଗିରଫ

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାର କରୁଥିବା ୧୧ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଦୁଇଟି ଜୀବନ୍ତ ବାରାହା ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର, ୪୨କେଜି ବାରାହା ମାଂସ ଚିତ୍ରକୋଣ୍ଡା ବନ ବିଭାଗ ଜବତ କରିଛି । ରାଲେଗଡା ପଞ୍ଚାୟତ ରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିବା ଚିତ୍ରକୋଣ୍ଡା ବନ ବିଭାଗକୁ ଖବର ମିଳିଥିଲା । ଚିତ୍ରକୋଣ୍ଡା ବନ ବିଭାଗ ତରଫରୁ ବନପାଳ ନିରଞ୍ଜନ ସାରକା ଙ୍କ ନେତୃତ୍ୱରେ ବନପାଳ ରାଜେଶ କୁମାର ସେଠି, ଗାର୍ଡ ସଞ୍ଜୟ କୁମାର ପରିଡା, ୱାଇଲଡ଼ ଲାଇଫ ପାରା ସ୍କ୍ୱାର୍ଡ ମିଳିତ ଭାବେ ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାରାହ ମାଂସ ଓଜନ ପାଖାପାଖି ୪୨କେଜି ୯୦୦ ଗ୍ରାମ, ଶିକାରରେ ବ୍ୟବହାର ହୋଇଥିବା ମାରଣାସ୍ତ୍ର, ବାରାହ ଫାସ, ବ୍ୟବହାର କରୁଥିବା ୯ଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର, ଦୁଇଟି ଜୀଅନ୍ତା ବାରାହ ଶାବକ ଜବତ ହୋଇଛି । ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ କୋଡାଉରୁ, ଲିମାସେତୁ, ମଣ୍ଡାପାଲି ଏବଂ ପାପର ମେଟଲା ଅଂଚଳର ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି । ସମସ୍ତ ଅଭିଯୁକ୍ତକୁ କୋର୍ଟରେ ହଜାର କରାଯିବା ନେଇ ବନପାଳ ନିରଞ୍ଜନ ସାରକା ଗଣ ମାଧ୍ୟମକୁ କହିଛନ୍ତି । ଦୁଇ ବାରାହ ଶାବକକୁ ବନ ବିଭାଗ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲରେ ଛଡ଼ାଯିବା ନେଇ ବନପାଳ କହିଛନ୍ତି ।

# ପାହାଡ ନିଲାମ ପଛରେ ରାଜନୈତିକ ଷଡଯନ୍ତ୍ର

## ରାଜ୍ୟ ବାହାର ନିଲାମ ଧାରୀଙ୍କୁ ସମର୍ଥନ ବେଳେ ରାଜ୍ୟ ଭିତର ନିଲାମଧାରୀଙ୍କୁ ପରୋକ୍ଷରେ ଧମକ

ଖୋର୍ଦ୍ଧା, (ମହାଭାରତ): ଖୋର୍ଦ୍ଧା ଅଞ୍ଚଳରେ ମହାପ୍ରଭୁ ଜଗନ୍ନାଥଙ୍କ ଏକାଧିକ କଳା ମୁଗୁନି ପଥର ପାହାଡ ରହିଥିବା ବେଳେ ପୂର୍ବରୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ହାତରେ ରହିଥିଲା । ଯାହା ବର୍ତ୍ତମାନ ଖଣି ବିଭାଗ ଅଧିନକୁ ଚାଲି ଯାଇଅଛି । ତେବେ ପ୍ରତିବର୍ଷ ଏହି ଖଣିଗୁଡିକୁ ନିଲାମ ଡକା ଯାଇଥିବା ବେଳେ ନିଲାମଧାରୀମାନେ ନିଲାମ ଲାଗି ରହିଥିବା ଧାର୍ଯ୍ୟ ଅର୍ଥ ଜମା କରି ନିଲାମରେ ଅଂଶଗ୍ରହଣ କରଥାନ୍ତି । ଚଳିତ ବର୍ଷ ୬ଟି କୁଆଁରୀ ଲିଜ୍ ପାଇଁ ଖୋର୍ଦ୍ଧା ଖଣି ଉପ-ନିର୍ଦ୍ଦେଶକଙ୍କ ପକ୍ଷରୁ ଏହି ନିଲାମ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶନାମା ମଧ ଜାରୀ କରାଯାଇଛି । ଏଥି ନିମନ୍ତେ ଇ-ଅକ୍ସନ ମାଧ୍ୟମରେ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିପାରିବେ ବୋଲି କୁହାଯାଇଛି । ଜୁନ୍ ୨୮ତାରିଖ ଫର୍ମ ଆବେଦନ କରିବାର ଶେଷ ତାରିଖ ହୋଇଥିବା ବେଳେ ୨୯ରେ ନିଲାମ ପ୍ରକ୍ରିୟା ଲାଗି ଟେଣ୍ଡର ଖୋଲାଯିବା ନେଇ ତାରିଖ ଧାର୍ଯ୍ୟ କରା ଯାଇଥିଲା । ତେବେ ଚଳିତ ଜୁଲାଇମାସ ୧୫ତାରିଖରୁ ୨୫ ତାରିଖ ମଧ୍ୟରେ କୁଆଁରୀ ନିଲାମ ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି । ତେବେ ୬ଟି କୁଆଁରୀ ମଧ୍ୟରେ ହନୁମନ୍ତିଆ (ଗ), ନୂଆ ଦକ୍ଷିଣ ଶଙ୍ଖାରୀ, ଟାଙ୍ଗେଣୀ, କଳିଙ୍ଗ (କ), (ଖ) ଓ (ଗ) ରହିଛି । ଖଣି ବିଭାଗ ନିର୍ଦ୍ଦେଶନାମାରେ ଖଣିରୁ ପଥର ଉତ୍ତୋଳନ ପାଇଁ କ୍ୟୁବିକ୍ ମିଟର ପିଛା ସର୍ବନିମ୍ନ ୧୭୧ଟଙ୍କା ରେଟ୍ ଥିବା ବେଳେ ସର୍ବାଧିକ କ୍ୟୁବିକ୍ ମିଟର ପିଛା ୪୩୭ଟଙ୍କା ଧାର୍ଯ୍ୟ କରାଯାଇଛି । ତେବେ ହନୁମନ୍ତିଆ (ଗ) ଓ ଟାଙ୍ଗେଣୀ ଖଣିରୁ ପଥର ଉତ୍ତୋଳନ ଲାଗି କ୍ୟୁବିକ୍ ମିଟର ପିଛା ୧୭୧ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ କଳିଙ୍ଗ (କ), (ଖ) ଓ (ଗ) ନିମନ୍ତେ ୩୫୪ଟଙ୍କା ଏବଂ ଶଙ୍ଖାରୀ ଦକ୍ଷିଣ ନୂଆ କୁଆଁରୀ ନିମନ୍ତେ ୪୩୭ ଟଙ୍କା ଧାର୍ଯ୍ୟ କରାଯାଇଛି । ତେବେ ଖଣି ବିଭାଗର ଏହି ନିର୍ଦ୍ଦେଶନାମାକୁ ବିରୋଧ କରି ବିଗତ ଦିନରେ ଆଞ୍ଚଳିକ ପାହାଡ କ୍ରିୟାନୁଷ୍ଠାନ କମିଟି, ତାପଙ୍ଗ ପକ୍ଷରୁ ଏହାକୁ ବିରୋଧ କରା ଯାଇଥିବା ବେଳେ ପୂର୍ବ ବର୍ଷ ଅପେକ୍ଷାମାନଙ୍କ ଚଳିତବର୍ଷ ପୂର୍ବ ଧାର୍ଯ୍ୟମୂଲ୍ୟ ଠାରୁ ଅଧିକ ରହିଛି । ତେଣୁ ନିଲାମରେ ଅଂଶଗ୍ରହଣ କରୁଥିବା ନିଲାମଧାରୀ ଧାର୍ଯ୍ୟମୂଲ୍ୟ ଠାରୁ ଅଧିକ ମୂଲ୍ୟରେ ଟେଣ୍ଡର ନ ଭରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଚଳିତବର୍ଷ ଖଣି ବିଭାଗ ତାର ନିର୍ଦ୍ଦେଶନାମା ମୁତାବକ ସୋମବାର କଳିଙ୍ଗ(କ) ର ନିଲାମ ପ୍ରକ୍ରିୟା ଶେଷକରିଛି । ଏହି କୁଆଁରୀକୁ କଟକ ନୂଆବଜାର ଅଞ୍ଚଳର ନିରୁପମା ମାଇନିଂ ଆଣ୍ଡ ଟ୍ରାନ୍ସପୋର୍ଟିଂ (ପ୍ରା) ଲିମିଟେଡ୍ କ୍ୟୁବିକ ମିଟର ପିଛା ସର୍ବାଧିକ ୧୫୩୪ଟଙ୍କାରେ ନିଲାମ ଧରିଛି । ଅନ୍ୟପଟେ ଆଞ୍ଚଳିକ ପାହାଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କ୍ୟୁବିକ୍ ମିଟର ପିଛା ୩୮୯ଟଙ୍କାରେ ବିହାର ରାଜ୍ୟର ପାଟଣା ଅଞ୍ଚଳର ବାବା ହଂସ କନଷ୍ଟ୍ରକସନ୍ (ପ୍ରା) ଲିମିଟେଡ୍ ନାମକ ଏକ ସଂସ୍ଥା ଟେଣ୍ଡର ଭରିଥିଲେ । ତେବେ ଟେଣ୍ଡରରେ ନିରାଶ ହେବା ପରେ କମିଟି ସଦସ୍ୟ ଏବେ କୁଆଁରୀ ନିଲାମଧାରୀଙ୍କୁ ଉକ୍ତ ପାହାଡରେ ପୁରାଇ ନଦେବା ଲାଗି ବିଭିନ୍ନ ପ୍ରକାର ସ୍ଥାନୀୟ ବିଧାୟକଙ୍କ ସହିତ କ୍ରିୟାନୁଷ୍ଠାନ କମିଟିର ଆଲୋଚନା କରୁଥିବା ନେଇ କିଛି ତଥ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଏନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କରା ଯାଇଥିବା ୱାଟସ୍ ଆପ୍ ଗ୍ରୁପରେ ତାଙ୍କ ଠାରୁ ମାଲ ନ ଉଠାଇବା ଏବଂ ସମସ୍ତ କ୍ରସର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆ ଯାଉଥିବା ସ୍କ୍ରିନସଟ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି । ଯାହା କୁଆଁରୀ ନିଲାମରେ କରାଯାଉଥିବା ଷଡଯନ୍ତ୍ର ପଛରେ ବିଧାୟକଙ୍କ ସମ୍ପୃକ୍ତି ରହିଥିବା ନେଇ ସନ୍ଦେହ ପ୍ରକଟ କରାଯାଉଥିବା ବେଳେ ଏ ସବୁ ପଛରେ ବଡ଼ ଧରଣର ରାଜନୈତିକ ଷଡଯନ୍ତ୍ର ଚାଲିଥିବା ଅନୁମାନ କରାଯାଉଛି । ତେବେ ଖୋର୍ଦ୍ଧା ଅଞ୍ଚଳରେ ବ୍ୟବସାୟ ଏବଂ ବାଣିଜ୍ୟର ଅଭିବୃଦ୍ଧି ପଛରେ ଜିଲ୍ଲାରେ ଗଢ଼ି ଉଠିଥିବା କ୍ରସର୍ ୟୁନିଟ୍ ମାନଙ୍କର ବଡ ଭୂମିକା ରହିଛି । ବିଗତ ବର୍ଷମାନଙ୍କରେ ବିଭିନ୍ନ ସମୟରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଅନେକ କ୍ରସର୍ ୟୁନିଟର ମାଲିକ ସର୍ବସ୍ୱାନ୍ତ ହୋଇଥିବା ବେଳେ ବର୍ତ୍ତମାନ ଖୋର୍ଦ୍ଧା କ୍ରସର ମାଲିକଙ୍କ ପେଟରେ ନାତ ମାରିବାକୁ ବଡ଼ ଧରଣର ଷଡ଼ଯନ୍ତ୍ର ଚାଲିଥିବା ବେଳେ ନିଜର ରାଜନୈତିକ ଅଭିସନ୍ଧି ପାଇଁ ପରୋକ୍ଷରେ ହେଉ କି ପ୍ରତ୍ୟକ୍ଷରେ ହେଉ କ୍ରସର ୟୁନିଟକୁ ଏକ ରକମ୍ ବନ୍ଦ କରିବାକୁ ଷଡଯନ୍ତ୍ର ଚାଲିଥିବା ନେଇ ଅନେକ ଅସମାହିତ ପ୍ରଶ୍ନ ଏବେ କ୍ରସର ଶିଳ୍ପ ଉପରେ ନିର୍ଭର କରୁଥିବା ସମସ୍ତ ବ୍ୟବସାୟୀଙ୍କ ମନରେ ଉଙ୍କି ମାରିଲାଣି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ହିନ୍ଦୋଳ ଜଗନ୍ନାଥ ମନ୍ଦିର ଏବଂ ତାରିଣୀ ମନ୍ଦିରରୁ ଚୋରି



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସଦରମହକୁମାରେ ଦୀର୍ଘଦିନ ବ୍ୟବଧାନରେ ଚୋରମାନେ ମାତିଛନ୍ତି। ଖବରରୁ ପ୍ରକାଶ ହିନ୍ଦୋଳ ଜଗନ୍ନାଥ ମନ୍ଦିରରୁ ପୂଜକ କୌଣସି କାମରେ ବାହାରକୁ ଯାଇଥିବାବେଳେ କୌଣସି ଦୁର୍ବୃତ୍ତ ଲକ୍ଷ୍ମୀ ମନ୍ଦିରରୁ ମୂର୍ତ୍ତି ଚୋରି ନେଇଥିବା ପୂଜକ ଆସି ଦେଖିବାପରେ ଉପଜିଲ୍ଲାପାଳଙ୍କୁ ଓ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହିପରି ୱାର୍ଡନଂ ୩ ସ୍ଥିତ ତାରିଣୀ ମନ୍ଦିରରୁ ଚୋରି ହୋଇଥିବାବେଳେ ୱାର୍ଡ ନଂ ୮ର ଅଙ୍ଗନବାଡି କେନ୍ଦ୍ରର ତାଲା ଭଙ୍ଗା ହୋଇଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି ଏବଂ ଏହାର ତଦନ୍ତ ଚାଲୁଅଛି ଏବଂ ଖୁବଶୀଘ୍ର ଦୁର୍ବୃତ୍ତ□ ମାନେ ଧରାପଡିବ ବୋଲି ଜଣାପଡିଛି। ତେବେ ଦୀର୍ଘଦିନ ନୀରବତା ପରେ ହିନ୍ଦୋଳରେ ମାରାତ୍ମକ ନିଶାଦ୍ରବ୍ୟ ଗଞ୍ଜେଇ, ବ୍ରାଉନସୁଗାର, ମଦ ଇତ୍ୟାଦି ସେବନ କରୁଥିବା ଅଭ୍ୟାସଗତ ଅସାମାଜିକ ଦୁର୍ବୃତ୍ତଙ୍କ କାମ ବୋଲି ବୁଦ୍ଧିଯିବି ଓ ଜନସାଧାରଣରେ ଆଲୋଚନା। ତେବେ ଦୃଢ଼ ପଦକ୍ଷେପ ନେଇ ବହୁ ସମସ୍ୟା ସମାଧାନ କରିପାରିଥିବା ହିନ୍ଦୋଳ ଉପଖଣ୍ଡର ଦକ୍ଷ ଆରକ୍ଷୀ ଉପ ଅଧିକ୍ଷକ ସତ୍ୟ କୁମାର ନନ୍ଦ ଙ୍କ ଦୃଢ଼ ନେତୃତ୍ୱରେ ଦକ୍ଷ ଥାନା ଅଧିକାରିଣୀ ଚାରୁଲତା ବେହେରା ହିନ୍ଦୋଳରେ ଶାନ୍ତିଶୃଙ୍ଖଳା ସୁରୁଖୁରୁରେ ପରିଚାଳନା କରୁଥିବାବେଳେ ଆଗକୁ ଦୃଢ଼ ପଦକ୍ଷେପ ନେବେ ବୋଲି ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି।

## ସଡ଼କ ଦୁର୍ଘଟଣା ରେ ବିଜେଡ଼ି କର୍ମୀ ମୃତ

ଦଶପଲ୍ଲା,(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ସାତପଟଣା ପଞ୍ଚାୟତ ର ପୂର୍ବତନ ସରପ□ ପ୍ରଫୁଲ୍ଲ କୁମାର ସାହୁ ଙ୍କ ପୁତ୍ର ପ୍ରଭାତ କୁମାର ସାହୁ ଙ୍କର ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ଘଟିଛି। ଦଶପଲ୍ଲା ବିଜେଡ଼ି ର ଜଣେ କର୍ମୀ ହିସାବରେ ସେ ବେଶ ଜଣାଶୁଣାୟ ସୂଚନା ଅନୁସାରେ ସୋମବାର ଦିନ ଫୁଲବାଣୀ ରୁ ଦଶପଲ୍ଲା ଆସିବା ସମୟରେ ଖଜୁରୀ ପଡା ନିକଟରେ ବୁଲେଟ ଗାଡି ଦୁର୍ଘଟଣା ଘଟିଛ।ତିନି ଜଣ ବୁଲେଟ ଯୋଗେ ଦଶପଲ୍ଲା ଫେରୁଥିବା ସମୟରେ ଭରସାମ୍ୟ ହରାଇ ଏଭଳି ଘଟିଛି ବୋଲି ଶୁଣାଯାଉଛି। ଫଳରେ ପ୍ରଭାତ ଙ୍କ ଜାଗା ଉପରେ ମୃତ୍ୟୁ ହୋଇଥିଲା ବେଳେ ଆଉ ଦୁଇଜଣ ଗୁରୁତର ଅଛନ୍ତି। ଏ ଘଟଣା କୁ ନେଇ ଦଶପଲ୍ଲା ବିଜେଡି ରେ ଶୋକର ଛାୟା ଖେଳିଯାଇଛି।

## ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ଯୋଡା,୨(ମହାଭାରତ) କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ ହେସାବେଡ଼ା ଛକ ନିକଟ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ଙ୍କ ମୃତ୍ୟୁ ଘଟିଛି ।ମୃତ ବ୍ୟକ୍ତି ହେଲେ ଜରି ବାହାଲ ଅଞ୍ଚଳରେ ରହି ଗ୍ୟାରେଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ପଙ୍କଜ କୁମାର ସାହା(୩୧) ଓ ହେସାବେଡାର ରହି ଗ୍ୟାରେଜ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଛଟୁ ଯାଦବ(୩୪) ।ମିଳିଥିବା ସୂଚନା ଅନୁଯାୟୀ,ସୋମ ବାର୍ ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଦୁହେଁ ବାଇକ୍ ରେ ବାମେବାରି ଅଭିମୁଖେ ଯାଉଥିବା ବେଳେ ହେଶବେଡା ଛକ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଥିଲା।ଫଳରେ ସେମାନେ ଛିଟିକି ପଡ଼ି ଥିଲେ ୟଗୁରୁତର ଆହତ ହୋଇ ଜଣେ ଏକ ଗାତ ରେ ଓ ଅନ୍ୟ ଜଣେ ରାସ୍ତା କଡ଼ରେ ପଡ଼ିଥିଲେ।ଜଣେ ସହୃଦୟ ବ୍ୟକ୍ତି ଏହା ଦେଖି ସେମାନଙ୍କୁ ଯୋଡା ଡାକ୍ତର ଖାନ। କୁ ନେଇ ଆସୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।ପୋଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି ।

## ଜିଲ୍ଲା ଡ୍ରାମା କଳାକାର ମହାସଂଘ ର ଶପଥ ପାଠ ଉତ୍ସବ



ଅନୁଗୋଳ,(ମହାଭାରତ):ଆଜି ଅନୁଗୋଳ ଜିଲ୍ଲା ଡ୍ରାମା କଳାକାର ମହାସଂଘ ର ଶପଥ ପାଠ ଉତ୍ସବ ଓ ରକ୍ତ ଦାନ ଶିବିର କୁଲାଡ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ମୁଖ୍ୟଅତିଥି ଭାବରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଆଇନ ପରାମର୍ଶ ଦାତା ବାର କାଉନସିଲର ପୂର୍ବତନ ସଭାପତି ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ସଂଘର ପୂର୍ବରୁ ଚୟନ ହୋଇଥିବା ୨୨ ଜଣ କର୍ମକର୍ତ୍ତା ମାନେ ଶପଥ ପାଠ କରିଥିଲେ। ଏଥିରେ ମୁଖ୍ୟ ପରିଚାଳକ - ରବି ବିଶ୍ୱାଳ, ସଭାପତି - ଦିବ୍ୟଜ୍ୟୋତି ସ୍ୱାଇଁ,ସମ୍ପାଦକ - ଆଶୋକ କୁମାର ଜ୍ୟୋତିଷ, କୋଷାଧ୍ୟକ୍ଷ - ପ୍ରିୟବ୍ରତ ପ୍ରଧାନ,ମିଡିଆ ସେଲ - ସଞ୍ଜୀବ କୁମାର ନାଥ, ଜିଲ୍ଲା ସଂଯୋଜକ - ଅପରାଜିତା ଷଡ଼ଙ୍ଗୀ,ଉପସ୍ଥାପକ - ଲକ୍ଷ୍ମଣ କୁମାର ସାମଲଙ୍କୁ ଚୟନ କରାଯାଇଥିଲା। ଏହା ସହିତ ହୋଇଥିବା ରକ୍ତ ଦାନ ଶିବିର ରେ ୩୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅବ୍ୟବସ୍ଥିତ




ଦଶପଲ୍ଲା,(ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି ଅନେକ ସମୟରେ ଅନେକ ସୁବ୍ୟବସ୍ଥା ମାନ କରିଚାଲିଛନ୍ତି। ସ୍ୱାସ୍ଥ୍ୟ କାର୍ଡ ହେଉ, ମାଗଣାରେ ଔଷଧ ହେଉ, ରୋଗୀ ଙ୍କ ଗମନା ଗମନ ହେଉ, ରୋଗୀ ଙ୍କ ପ୍ରତି ପୃଷ୍ଟିକର ଖାଦ୍ୟ ଆଦି ର ପ୍ରଚଳନ କରୁଛନ୍ତି। ମାତ୍ର ଏ ସବୁ ର ସଠିକ ଭାବରେ କାର୍ଯ୍ୟକାରୀ କରାନଗଲେ ରୋଗୀ ହନ୍ତସନ୍ତ ହେବା ଅବା କଷ୍ଟ ଭୋଗିବା ସ୍ୱାଭାବିକ।ତେବେ ଅନେକ ସମୟରେ ବିଭାଗୀୟ ଅବହେଳା ପାଇଁ ରୋଗୀ ମାନେ ଅନେକ ସମସ୍ୟା ଭୋଗିଥାନ୍ତି। ଏପରି ସମସ୍ୟା ଦେଖିବାକୁ ମିଳିଛି ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ପରୀକ୍ଷାଗାର ରେ ସମସ୍ତ ପ୍ରକାରର ସୁବିଧା ରୋଗୀଙ୍କୁ ମିଳୁନାହିଁ। ଯେଉଁଥି ପାଇଁ ରୋଗୀ ବାଧ୍ୟ ହୋଇ ପରୀକ୍ଷା ନିମନ୍ତେ ବାହାରକୁ ଯିବାକୁ ପଡୁଛି। ଏମିତିକି ଡାକ୍ତର ମହୋଦୟ ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରି ଗୋଟିଏ ଦିନ ରଖୁନାହାନ୍ତି ସ୍ୱାସ୍ଥ୍ୟ କେନ୍ଦ୍ରରେ। ରୋଗୀକୁ ଦେଖିବା କ୍ଷଣି ସଙ୍ଗେ ସଙ୍ଗେ ସ୍ଥାନାନ୍ତରିତ କରାଯାଉଛି ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ। ଏମିତି କେତେଦିନ ଚାଲିବ? ଶିଶୁ ବିଭାଗ ଡାକ୍ତର ଆଉଟଡୋର କୁ ନ ଆସି ଯେଉଁଠି ରୋଗୀଙ୍କୁ ଇଞ୍ଜେକସନ ଦିଆଯାଉଛି ସେଠି ବସି ରୋଗୀ ଦେଖୁଛନ୍ତି। ଏହା କେତେଦୂର ଠିକ ଆପଣମାନେ ବିଚାର କରିବେ। କଥାରେ ଅଛି ଲୁହା କଂଅଳ ହେଲେ ବିଲେଇ କାମୁଡିବା କଥା ଠିକ ଏଠି ପ୍ରଯୁଜ୍ୟ। ବିଭାଗୀୟ ଅଧିକାରୀ ଙ୍କ କଥା ବୋଧେ ଏଠି କେହି ଶୁଣୁନାହାନ୍ତି ବା ଅଧିକାରୀ ଙ୍କ ଦୁର୍ବଳତା କୁ ମଧ୍ୟ ଦାୟୀ କରାଯିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ଅନ୍ୟ ପଟେ ଦେଖାଯାଉ ରୋଗୀ ଙ୍କ ଦୁଃଖ କେବେ ସମସ୍ତ ଙ୍କ କାନରେ ପଡୁଛି ଓ ସମସ୍ୟା ର ସମାଧାନ ହେଉଛି ତାହା ଦେଖିବାର ବାକି ରହିଲା।

## ବ୍ୟାଡ଼ ମିଣ୍ଟନ ପ୍ରତିଯୋଗିତା ଉଦଘାଟିତ




କଳାହାଣ୍ଡି/ମହାଭାରତ: ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ତତ୍ୱାବଧାନରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ରାଜ୍ୟ ଜୁନିୟର ଓ ସବ ଜୁନିୟର ରାଙ୍କିଙ୍ଗ ପ୍ରତିଯୋଗିତା କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଉଦଯାପିତ ହୋଇଯାଇଅଛି। ଉଦଯାପିତ ଉତ୍ସବରେ ଭବାନୀପାଟଣା ବିଧାୟକ ଶ୍ରୀ ସାଗର ଚରଣ ଦାସ ମୁଖ୍ୟ ଅତିଥି ଭାବେ ,ସମ୍ମାନିତ ଅତିଥି ଭାବରେ ରାଜ୍ୟ ପର୍ଯ୍ୟବେକ୍ଷକ ଶ୍ରୀ ସୁଦୀପ୍ତ ବିଷୋୟୀ,ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ପାଢ଼ୀ,ପ୍ରତିଯୋଗିତା ରେଫରି ଶ୍ରୀମତୀ ରିତା ଦାସ, ନିମନ୍ତ୍ରିତ ଅତିଥି ଆନ୍ତର୍ଜାତିକ ବୈଷୟିକ ଅଧିକାରୀ ବିଜୟ କୁମାର ବାଗ,ରାଜ୍ୟ ବୈଷୟିକ କର୍ମକର୍ତ୍ତା ସହ- ଅଧକ୍ଷ ମନୋରଞ୍ଜନ ଦାସ ଓ ଜିଲ୍ଲା ସଂଘ ସମ୍ପାଦକ ତଥା ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସନ୍ଦିପ ମିଶ୍ର ଏବଂ ସଭାପତି ପ୍ରଦୀପ କୁମାର ଦାସ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ଦିନ ୨୦ଟି ସେମି ଫାଇନାଲ ଓ ୧୦ ଟି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୫ ବର୍ଷରୁ କମ ବାଳକ ଏକକ ବିଭାଗରେ କଟକର ହର୍ଷିତ ବେହେରା ବିଜେତା ଓ ସମ୍ବଲପୁରର ଆୟଙ୍କ ବେହେରା ଉପବିଜେତା, ୧୫ ବର୍ଷରୁ କମ ବାଳିକା ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ବିଜେତା ଓ କଟକର ସ୍ୱାତି ନାୟକ ଉପବିଜେତା,୧୫ ବର୍ଷରୁ କମ ବାଳକ ଯୁଗଳ ବିଭାଗରେ କଟକର ହର୍ଷିତ ବେହେରା ଓ ସମ୍ବଲପୁରର ଆୟଙ୍କ ବେହେରା ବିଜେତା ଓ ସୁନ୍ଦରଗଡର ଅଭିନବ ବଡେକ ଓ କଟକର ଔରୋଦେବ ମହାନ୍ତି ଉପବିଜେତା, ୧୫ ବର୍ଷରୁ କମ ବାଳିକା ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ନିମେସା ଓଝା ଓ କଟକର ସ୍ୱାତି ନାୟକ ବିଜେତା ଓ ଭଦ୍ରକର ବୁଡୁପୁ ଲକ୍ଷ୍ମୀ ରେଡି ଓ ଯାଜପୁରର ରିତିକା ଦାସ ଉପବିଜେତା, ୧୫ ବର୍ଷରୁ କମ ମିଶ୍ରିତ ଯୁଗଳରେ କଟକର ହର୍ଷିଦ ବେହେରା ଓ ଆଦ୍ୟସା ମହାପାତ୍ର ବିଜେତା ଓ ଭୁବନେଶ୍ୱର ର ଦୀପ୍ତଶୁ ଶର୍ମା ଓ ସମ୍ବଲପୁରର ଆଲ୍ୟସା ପ୍ରଧାନ ଉପବିଜେତା,୧୯ ବର୍ଷରୁ କମ ବାଳକ ଏକକ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ବିଜେତା ଓ ଭୁବନେଶ୍ୱର ଖୋର୍ଦ୍ଧାର ସୌମ୍ୟାଜିତ ସାହୁ ଉପବିଜେତା,୧୯ ବର୍ଷରୁ କମ ବାଳିକା ଏକକ ବିଭାଗରେ ସୁନ୍ଦରଗଡର ଗୀତାଶ୍ରୀ ଦେ ବିଜେତା ଓ ସମ୍ବଲପୁରର ଅସ୍ୱୀକା ମିଶ୍ର ଉପବିଜେତା,୧୯ ବର୍ଷରୁ କମ ବାଳକ ଯୁଗଳ ବିଭାଗରେ ଭୁବନେଶ୍ୱର ଖୋର୍ଦ୍ଧାର ବାପୁନ ରାଉତ ଓ ବଲାଙ୍ଗିରର ଦିବ୍ୟମ କେଜରୀୱାଲ ବିଜେତା ଓ ମୟୁରଭଞ୍ଜର ଶ୍ରୀୟଂସ ଜେନା ଓ ଢେଙ୍କାନାଳର ଶୁଭ୍ରକେତନ ମଲ୍ଲିକ ଉପବିଜେତା,୧୯ ବର୍ଷରୁ କମ ବାଳିକା ଯୁଗଳ ବିଭାଗର ସମ୍ବଲପୁରର ଅସ୍ୱୀକା ମିଶ୍ର ଓ ଖୋର୍ଦ୍ଧାର ସିରିନ ସାହିକି ବିଜେତା ଓ ଭୁବନେଶ୍ୱରର ଆଦ୍ୟା ପାଢ଼ୀ ଓ ରାୟଗଡର ସ୍ୱିଟିପ୍ରିୟା ପ୍ରଧାନ ଉପବିଜେତା,୧୯ ବର୍ଷରୁ କମ ମିଶ୍ରିତ ଯୁଗଳ ବିଭାଗର ବଲାଙ୍ଗୀରର ଜୟେସ ଅଗ୍ରୱାଲ ଓ ରାୟଗଡର ସ୍ୱିଟିପ୍ରିୟା ପ୍ରଧାନ ବିଜେତା ଓ କଟକର ଅଗସ୍ତ୍ୟ ନାୟକ ଓ ଖୋର୍ଦ୍ଧାର ଆଦ୍ୟା ପାଢ଼ୀ ଉପବିଜେତା ହୋଇଛନ୍ତି। ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମହେଶ କୁକ୍ରେଜଓ, ଶକ୍ତି ପ୍ରସାଦ ରଞ୍ଜନ ଯୋଶୀ, ରବି ସାହୁ, ରାମ ସାହୁ,ସନ୍ଦୀପ ଦାସ ପୁରସ୍କାର ବିତରଣ ପାଇଁ ସହଯୋଗ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରୁ ଉପସଭାପତି ଅରୁଣ ରଥ, ଉପସଭାପତି ସମୀର ସାହୁ, ଦୀପକ ସାଗର କୁମାର ରଞ୍ଜିତ ସାହୁ, ମାଣିକେଶ୍ୱରୀ ମହାପାତ୍ର, ପରେଶ ପ୍ରଧାନ, ମାନସ ପ୍ରଧାନ, ମନୋଜ ପଣ୍ଡା, ଶୋଭାନ ଦତ୍ତ, ଅଶୋକ ପତି ବିଭିନ୍ନ ଦାୟିତ୍ୱ ମାନ ନେଇ ସହଯୋଗ କରିଥିଲେ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ସମ୍ପୂର୍ଣ୍ଣ ସଫଳ କରିବା ନେଇ ସଭାପତି ପ୍ରଦୀପ ଦାସ ସଂଘର ସମସ୍ତ ସଦସ୍ୟ, ପୋଲିସ, ସ୍ୱାସ୍ଥ୍ୟ ଟିମ,ସାମ୍ବାଦିକ,ଇଣ୍ଡୋର କର୍ମଚାରୀ ସମସ୍ତଙ୍କୁ ଧନ୍ୟବାଦ ଦେବାସହ ମୁଖ୍ୟ ଅତିଥିଙ୍କୁ ତାଙ୍କର ବହୁମୂଲ୍ୟ ସମୟ ଦେଇଥିବା ଯୋଗୁଁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ବୃକ୍ଷ ରୋପଣ ଅଭିଯାନ କାର୍ଯକ୍ରମ



ପାରଳାଖେମୁଣ୍ଡି, (ମହାଭାରତ): ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନା (ଏନ୍ ଏସ୍ ଏସ୍ ) ୟୁନିଟ୍ ତରଫରୁ ବନ ମହୋତ୍ସବ ସପ୍ତାହ ଅବସରରେ ବୃକ୍ଷ ରୋପଣ ଅଭିଯାନ କାର୍ଯକ୍ରମ ୧୫ ରୁ ୧୮ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ, ତା ୧୯ ଜୁଲାଇ ୨୦୨୫ରିଖ ରେ ଉଦଯାପିତ ହୋଇଅଛି। ଏଥିରେ ଗୋଷ୍ଠୀ ସ୍ଥାନ ଏବଂ କେତେକ ଗ୍ରାମ ରେ ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ 'ଏକ୍ ପେଡ୍ ମା କେ ନାମ୍' ଅଭିଜାନ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯକ୍ରମ ରେ ବୃକ୍ଷ ରୋପଣ କରାଯାଇଅଛି। ଏହି କାର୍ଯ୍ୟକ୍ରମରେ ଏନ.ଏସ୍.ଏସ୍. ୟୁନିଟ୍ ଦ୍ୱାରା ୨୧ ଟି ଗ୍ରାମରେ ପ୍ରାୟ ୧୪ଟି ଗ୍ରାମପଞ୍ଚାୟତ ରେ ୩୨୦ଟି ବୃକ୍ଷ ରୋପଣ କରାଯାଇଛି।ତା୧୫/୦୭/୨୦୨୫ରିଖ ମଙ୍ଗଳବାର ଦିନ ଏହି କାର୍ଯକ୍ରମ ର ଉଦ୍ଘାଟନ ସଭା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ସରଧାପୁର ପଞ୍ଚାୟତ ର ଯୁବରାଜପୁର ଗ୍ରାମ ରେ ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇ ଅଛି। ଉକ୍ତ ସଭା ରେ ମୁଖ୍ୟ ଅତିଥି ଭାବେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ର ପ୍ରଶାସନ ନିର୍ଦ୍ଦେଶକ ପ୍ରଫେସର ଦୁର୍ଗା ପ୍ରସାଦ ପାଢୀ ମହୋଦୟ, ସମ୍ମାନିତ ଅତିଥି ଭାବେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ର ଡିନ୍ ପ୍ରଶାସନ ପ୍ରଫେସର୍ ସତ୍ୟ ପ୍ରସାଦ ନନ୍ଦ ମହୋଦୟ, ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମିଷ୍ଟର କ୍ରିଷ୍ଟ ପଲକା ମହୋଦୟ ,ସେ□ୁରିଅନ ବିଶ୍ୱବିଦ୍ୟାଳୟ ର ଡିନ୍ ଛାତ୍ର - ଛାତ୍ରୀ କଲ୍ୟାଣ ଡକ୍ଟର ରିତେଶ କୁମାର୍, ଏନ୍ ଏସ୍ ଏସ୍ ସଂଯୋଜକ ଡକ୍ଟର ନିହାଲ୍ ଆର୍ ଏବଂ ଏନ୍ ଏସ୍ ଏସ୍ କାର୍ଯକ୍ରମ ଅଧିକାରୀ ଡକ୍ଟର ବିଷ୍ଣୁ ପ୍ରସାଦ ଦାଶ ଯୋଗ ଦେଇ ସଭା ର ଶୋଭା ବିମଣ୍ଡନ କରିଥିଲେୟ ଉକ୍ତ ସଭା ରେ ବିଦ୍ୟାଳୟ ର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ ତ୍ ସହିତ ସେଞ୍ଚୁରିଅନବିଶ୍ୱବିଦ୍ୟାଳୟ ର କୃଷି ବିଭାଗ ର ସ୍ନାତକ ଛାତ୍ରଛାତ୍ରୀ ଓ ଯୁବରାଜପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇ ଥିଲେ। ସ୍ୱଳ୍ପ ସମୟ ର ସଭା ରେ ନିଜର ବହୁମୂଲ୍ୟ ସମୟ ଦେଇ ସଭାରେ ଉପସ୍ଥିତ ଅତିଥିଗଣ ବୃକ୍ଷ ସମ୍ବନ୍ଧରେ ତାର ଜନ୍ମ ରୁ ମରଣ ଯାଏ ଉପାଦେୟତା, ବୃକ୍ଷର ଯତ୍ନ କାହିଁକି ନେବା ଏବଂ ଏକ୍ ପେଡ୍ ମାକେ ନାମ୍ ଅଭିଯାନର ଅଭିପ୍ରାୟ ସମ୍ପର୍କରେ ଉଦ୍ବୋଧନ ଦେଇ ସମସ୍ତଙ୍କୁ ଉଦ୍ବୋଧିତ କରିଥିଲେ। ତତ୍ପଶ୍ଚାତ ସେଠାରେ ବୃକ୍ଷ ରୋପଣ ସାରି ଅନ୍ୟ ଗୋଷ୍ଠୀ ସ୍ଥାନ ଏବଂ ଗ୍ରାମରେ ବୃକ୍ଷ ରୋପଣ କରି କାର୍ଯକ୍ରମ କୁ ଅଗ୍ରସର କରା ଯାଇ ଥିଲା। ଉଦଘାଟନ ସଭା ପରେ ସରଧାପୁର ଗ୍ରାମରେ ବୃକ୍ଷ ରୋପଣ କରାଯାଇଥିଲା। ତତ୍ପଶ୍ଚାତ ଅନ୍ୟାନ୍ୟ ଗୋଷ୍ଠୀ ସ୍ଥାନ ଯେପରିକି ରାଧାଚରଣ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ, ବାପୁଜୀ ପେଣ୍ଠ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମଧୁସୂଦନ ପୁର୍ ରାଜୀବ ସ୍ମରଣୀୟ ଉଚ୍ଚ ବିଦ୍ୟାଳୟ, ଖରସଣ୍ଡା ଟାଗୋର ସ୍ମରଣୀୟ ଉଚ୍ଚ ବିଦ୍ୟାଳୟ, ଉପାଲଡା ସରକାରୀ ଉଚ୍ଚ ବିଦ୍ୟାଳୟ, ମାଛମରା କ୍ରମାନ୍ୱୟରେ ବୃକ୍ଷ ରୋପଣ କରା ଯାଇଥିଲା। ଦିବସ ର ଅନ୍ତ ରେ ଆଲୟନ୍ଦ୍ୱିଞ୍ଜି ଗ୍ରାମରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯକ୍ରମ ଆଗାମୀ କିଛି ଦିନ ବିଭିନ୍ନ ନିକଟସ୍ଥ କ୍ଷେତ୍ର ରେ ଚାଲିବ ବୋଲି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ର ଜାତୀୟ ସେବା ଯୋଜନା ( ଏନ୍ ଏସ୍ ଏସ୍ ) ୟୁନିଟ୍ ପ୍ରତିଶ୍ରୁତି ବଦ୍ଧହୋଇ କାର୍ଯ୍ୟରତ ଥିଲା। ଏସ୍ ଏସ୍ ୟୁନିଟ୍ ଦୁଇ ଦଳରେ ବିଭକ୍ତ ହୋଇ ବୃକ୍ଷ ରୋପଣ କାର୍ଯକ୍ରମ କୁ ପରିସମାପ୍ତି ଦିଗ କୁ ଢାଇ ନେଇଥିଲା। ଏକ ଦଳ ଡକ୍ଟର ବିଷ୍ଣୁ ପ୍ରସାଦ ଦାଶଙ୍କ ନେତୃ□ ରେ ଡକ୍ଟର ଏନ୍. ଜିବର୍ତ୍ତମ୍ ଙ୍କ ସହଯୋଗ ରେ କେରାଣ୍ଡି ଗ୍ରାମରେ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅମରା ହୋଇ ଏମ୍ ପି ପି ବିଦ୍ୟାଳୟ, ରାଟିଣି ରେ ବୃକ୍ଷ ରୋପଣ ହୋଇଥିଲା। ତ୍ ପଶ୍ଚା ଜିଲ୍ଲା ପରିଷଦ ବିଦ୍ୟାଳୟ ନରସେନ୍ଦ୍ରା ଏବଂ ଉକ୍ତ ଗ୍ରାମରେ, ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟ, କୋଷମାଲା, ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟ, ମେଲିୟାପୁଟି ଓ ସେହି ଗ୍ରାମ ରେ ହୋଇ ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟ, ଧମୂନିଗାଁ ରେ ଅନ୍ତିମ ବୃକ୍ଷ ରୋପଣ କରିଥିଲେୟ ଅନ୍ୟ ଦଳ ଡକ୍ଟର ଦିନକର.ଜେ. ଗାଏକ୍ୱାଡ୍ ଙ୍କ ନେତୃ□ତ୍ୱରେ ଡକ୍ଟର ଅଶୋକ କୁମାର୍ ଙ୍କ ସହଯୋଗ ରେ ବିରାଗିପେଟା ଗ୍ରାମରେ ବୃକ୍ଷ ରୋପଣ କରି ମଣ୍ଡଳ ପରିଷଦ ପ୍ରାଥମିକ ବିଦ୍ୟାଳୟ, ପ୍ରହରାଜପଲେମ୍ ରେ ବୃକ୍ଷ ରୋପଣ ସାରି ପାଥ୍ପାଟନମ୍ ଗ୍ରାମରେ ବୃକ୍ଷ ରୋପଣ କରିଥିଲେୟ ତ୍ ପଶ୍ଚା ଟାମ୍ପର୍ କଇଥା ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଆର୍. ସୀତାପୁର ଓ ଉକ୍ତ ଗ୍ରାମରେ ବୃକ୍ଷ ରୋପଣ ସାରି ରଣାଦେବୀ ଗ୍ରାମରେ ବୃକ୍ଷ ରୋପଣ କାର୍ଯକ୍ରମ ର ପରିସମାପ୍ତି କରିଥିଲେ।ଏଥି ସହିତ ମେଗା ବୃକ୍ଷ ରୋପଣ କାର୍ଯକ୍ରମ ର ସମାପନ କରାଯାଇ ଥିଲା।

## ବ୍ଲକ ସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକ ଗୋଶାଣୀ ବ୍ଲକ ଓ ରାୟଗଡ ବ୍ଲକକୁ ନେଇ ସମୀକ୍ଷା ହୋଇଥିଲା।ଏ ପି ଡି ପୃଥିବିରାଜ ମଣ୍ଡଳ,ଏ ପି ଡି ଏମ୍ ଆଇ ଏସ ଭେଙ୍କେଟେ ରାଓ ଆଚାରି, ପି ଏମ୍ ଆଇ ଟି ଏଣ୍ଡ ଏମ୍ ସି ଦେବୀ ପ୍ରସାଦ ଅଧିକାରୀ, ଡି ପି ଏମ୍ ଆର ଜୀ ଏସ୍ ଏ ତପନ କୁମାର ବାହୁ ବଳେନ୍ଦ୍ର,ପି ଏମ୍ ଆର ଏଚ ପି .ରୋହିତ କୁମାର, ଡି ଏସ୍ ସି ଜୀ .ସୁନୀଲ ବାବୁ ପ୍ରମୁଖ ମଞ୍ଚାସିନ ଥିଲେ। ରୁରାଲ ହାଉସ,ଏନ ଆର ଜୀ ଏସ୍,ସ୍ୱଚ୍ଛ ଭାରତ ମିଶନ,ସି ଏଫ ସି ଏଣ୍ଡ ଏସ୍ ଏଫ ସି ଯୋଜନା ଉପରେ ଆଲୋଚନା କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ଜୀ ପି ଡି ଓ,ପି ଇ ଓ , ଜୀ ଆର ଏ ଏସ୍, ଏ ଡି ପି ଇ, ଏକା, ବି ଆର ସି,ଏ ପି ଓ, ବି ପି ସି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଅନ୍ତର୍ଗତ ସମ୍ବଲପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ,ଆରକ୍ଷୀ ଅଧିକ୍ଷକ ଶ୍ରୀ ଯତୀନ୍ଦ୍ର କୁମାର ପଣ୍ଡା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଓ ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ସମ୍ବଲପୁର ଗ୍ରାମ ପଞ୍ଚାୟତ ସମେତ ପରିମଳ, ସୁନ୍ଦରଡ଼ଙ୍ଗ ଓ ଅନୁଙ୍ଗୁର ପଞ୍ଚାୟତର ସମୁଦାୟ ମୋଟ-୩୦ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୦୮ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା- ୨୨ ଗୋଟି ଅଭିଯୋଗ ଆସିଥିଲା , ସେଥି ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଆର୍ଥିକସହାୟତା ରାଶି ଯୋଗାଇ ଦିଆଯାଇଛି ଓ ଗୋଟିଏ ଆଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି,ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ନୂଆଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ମାଳତୀ ପ୍ରଧାନ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲୋକନାଥ ଶବର, ତହସିଲଦାର ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଶ୍ରୀ ସୋନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପ□ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ସରକାରୀ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଫୁଲବାଣୀ: ଏଫ ଏମ କଲେଜ ଘଟଣା ପରେ ଏବେ ଛାତ୍ରୀଙ୍କ ସୁରକ୍ଷା ନେଇ ତତ୍ପର ହୋଇ ଉଠିଛି ପ୍ରଶାସନ। ସମସ୍ତ ମହାବିଦ୍ୟାଳୟ ମାନଙ୍କରେ ଏ ନେଇ ସଚେତନତା ଅଭିଯାନ ସହିତ ଆଇସିସି କମିଟି ମାନଙ୍କୁ ସକ୍ରିୟ କରାଯାଉଛିୟ ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁଲିସ ଏବଂ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଧ୍ୟକ୍ଷ ଡ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ମାନେ ଯୌନ ନିର୍ଯ୍ୟାତନା ଏବଂ ଅନ୍ୟାନ୍ୟ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ଦିଆଯାଇ ସୋସିଆଲ ମିଡିଆର ବ୍ୟବହାରରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଆଇସିସିର ଆଭିମୁଖ୍ୟ ଏବଂ 'ପୋଷ' ଆଇନ ସମ୍ପର୍କରେ ବି ଛାତ୍ରୀ ମାନଙ୍କୁ ଅବଗତ କରାଯାଇ ଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ବିଭୁତି ଭୂଷଣ ମହାପାତ୍ର, ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳ, ସାଇବର ଥାନା ଅଧିକାରୀ ଗେଲୀ କୁମାରୀ ସାହୁ, ଇନ୍ସପେକ୍ଟର ରୀତାଞ୍ଜଳୀ ସାହୁ, ଦିପିକା ଦେବୀ, ଆଇସିସି ପ୍ରିଜାଇଡିଂ ଅଫିସର ଡ. ନିବେଦିତା ପାଣି ପ୍ରମୁଖ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ।



## ବିଗିଡ଼ିଲା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ସ୍ୱାସ୍ଥ୍ୟାବସ୍ଥା

ତାମିଲନାଡୁ : ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଲା । ଏହାପରେ ତାଙ୍କୁ ତୁରନ୍ତ ହସପିଟାଲରେ ଭର୍ତ୍ତି କରାଯାଇଛି । ମର୍ଣ୍ଣିଂ ୱାକ୍ କରୁଥିବା ସମୟରେ ଦୁର୍ବଳତା ଅନୁଭବ କରିବା ସହିତ ମୁଣ୍ଡ ବୁଲାଇଥିଲା । ଫଳରେ ତାଙ୍କୁ ହସପିଟାଲରେ ଆଡମିଟ୍ କରାଯାଇଛି । ଖବର ମୁତାବକ, ଆଜି ସକାଳେ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ମର୍ଣ୍ଣିଂୱାକ କରୁଥିବା ବେଳେ ହଠାତ୍ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ସହିତ ମୁଣ୍ଡ ବୁଲାଇଥିଲା । ସେ ଅସୁସ୍ଥତା ଅନୁଭବ କରିବା ପରେ ତୁରନ୍ତ ତାଙ୍କୁ ଚେନ୍ନାଇ ଆପୋଲୋ ହସପିଟାଲରେ ଭର୍ତ୍ତି କରାଯାଇଛି । ଡାକ୍ତରୀ ଟିମ୍ ତାଙ୍କର ଯାଞ୍ଚ କରୁଛନ୍ତି । କିଛି ଟେଷ୍ଟ ବାକି ରହିଛି । ଟେଷ୍ଟ ସରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ଦିଆଯିବ ବୋଲି ଡାକ୍ତରୀ ଟିମ୍ କହିଛନ୍ତି ।

## ବୈଷ୍ଣୋ ଦେବୀ ଯାତ୍ରା ମାର୍ଗରେ ଭୂସ୍ଖଳନ, ୫ ଶ୍ରଦ୍ଧାଳୁ ଆହତ



ଜମ୍ମୁ କାଶ୍ମୀର : ଜମ୍ମୁ ଏବଂ କାଶ୍ମୀରର କଟରାରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି । ରବିବାର ଦିନ ପ୍ରବଳ ବର୍ଷା ଯୋଗୁଁ ସୋମବାର ସକାଳେ ମାତା ବୈଷ୍ଣୋ ଦେବୀ ଯାଉଥିବା ଟ୍ରାକରେ ଭୂସ୍ଖଳନ ହୋଇଛି । ଫଳରେ ୫ ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡିଛି । ଖବର ମୁତାବକ, ଆଜି ସକାଳ ୮ଟାରେ ମାତା ବୈଷ୍ଣୋ ଦେବୀରୁ କଟରା ଯାଉଥିବା ଟ୍ରାକରେ ବାଣଗଙ୍ଗା ନିକଟରେ ହଠାତ୍ ଭୂସ୍ଖଳନ ହୋଇ ଶ୍ରୀ ମାତା ବୈଷ୍ଣୋ ଦେବୀ ଯାତ୍ରୀ ଟ୍ରାକ ଉପରେ ପଡ଼ିଲା । ଫଳରେ ଏହି ଟ୍ରାକରେ ନିର୍ମିତ ସେଡର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ସେଡ ସହିତ, ଯାତ୍ରା ଟ୍ରାକରେ ନିର୍ମିତ ରେଲିଂର ଏକ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା, ଯେଉଁଥିରେ ପାଞ୍ଚ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି ।

ତେବେ ଭୂସ୍ଖଳନ ବିଷୟରେ ଖବର ପାଇଁ ତୁରନ୍ତ ଘଟଣା ସ୍ଥଳରେ ପୋଲିସ ଏବଂ ଶ୍ରୀଇନ ବୋର୍ଡ ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପ୍ରଥମେ ଆହତ ହୋଇଥିବା ଲୋକଙ୍କୁ ଉପଚାର ପାଇଁ କଟରା ଉପ ଜିଲ୍ଲା ହସପିଟାଲକୁ ପଠାଯାଇଛି । ବୈଷ୍ଣୋ ଦେବୀ ଯାତ୍ରା ସମୟରେ ପ୍ରବଳ ବର୍ଷା ହୋଇଥିଲା । ଯାତ୍ରୀମାନେ ବାଣଗଙ୍ଗା ନିକଟରେ ପହଞ୍ଚିବା ମାତ୍ରେ ହଠାତ୍ ପାହାଡ଼ ଧସିଥିଲା । ଶ୍ରଦ୍ଧାଳୁ କୌଣସି ପ୍ରକାରରେ ସେମାନେ ନିଜ ଜୀବନ ବଞ୍ଚାଇଲେ । ଯେଉଁମାନେ ଆହତ ହୋଇଛନ୍ତି ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଛି । ଏବେ ଶ୍ରୀଇନ ବୋର୍ଡର କର୍ମଚାରୀମାନେ ଜେସିବି ମେସିନ ସହିତ ଟ୍ରାକରେ ପଡିଥିବା ଭଗ୍ନାବଶେଷ ହଟାଉଛନ୍ତି । ମନ୍ଦିର ବୋର୍ଡର ଅଧିକାରୀମାନେ କହିଛନ୍ତି ଯେ, ଏହି ଭୂସ୍ଖଳନ ସତ୍ତ୍ୱେ, ମାତା ବୈଷ୍ଣୋ ଦେବୀଙ୍କ ଯାତ୍ରା ଜାରି ରହିଛି ।

## ପରିବା ବିକାଳୀଙ୍କୁ ୨୯ ଲକ୍ଷର ଜିଏସଟି ନୋଟିସ

କର୍ଣ୍ଣାଟକ : ଚକିତ ହୋଇଛନ୍ତି ଜଣେ ଛୋଟ ପରିବା ବିକାଳୀ। କର୍ଣ୍ଣାଟକାର ହାବେରୀରେ ବ୍ୟବସାୟ କରୁଥିବା ପରିବା ବ୍ୟବସାୟୀଙ୍କୁ ମିଳିଛି ଆଖି ଲାଖି ଗଲା ଭଳି ଟିକସ ନୋଟିସ। ଏଠାରେ ଥିବା ମ୍ୟୁନିସପାଲ ଉଚ୍ଚ ବିଦ୍ୟାଳୟ ପଡ଼ିଆ ନିକଟରେ ଗୋଟିଏ ଛୋଟ ପରିବା ଦୋକାନ କରିଛନ୍ତି ଶଙ୍କର ଗୌଡା ହାଦିମଣି। ଏବେ ତାଙ୍କୁ ଦ୍ରବ୍ୟ ଓ ସେବା କର ନିୟମ ଅନୁସାରେ ୨୯ ଲକ୍ଷ ଟଙ୍କା ପୈଠକ କରିବାକୁ ନୋଟିସ ଆସିଛି। ଦୀର୍ଘ ୪ ବର୍ଷ ହେଲାଣି ଶଙ୍କର ଗୌଡ଼ା ଏଠାରେ ପରିବା ଦୋକାନ ଚଳାଇଛନ୍ତି। ତାଙ୍କର ଅଧିକାଂଶ ଗ୍ରାହକ ୟୁପିଆ କିମ୍ବା ଅନ୍ୟ ଡିଜିଟାଲ ୱାଲେଟ ଦ୍ୱାରା ପେମେଣ୍ଟ କରନ୍ତି। ଏହି ୟୁପିଆଇରେ ଟଙ୍କା ଗ୍ରହଣ କରିବା ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଜିଏସଟି ଅଧିକାରୀମାନେ ନୋଟିସ କରି ଦାବି କରିଛନ୍ତି ଯେ ଶଙ୍କର ଗୌଡ଼ା ୪ ବର୍ଷ ମଧ୍ୟରେ ୧.୬୩ କୋଟି ଟଙ୍କାର ନେଣଦେଣ କରିଛନ୍ତି। ତେଣୁ ତାଙ୍କ ଉପରେ ୨୯ ଲକ୍ଷ ଟଙ୍କାର ଜିଏସଟି ବାକି ପଡ଼ିଛି। ଶଙ୍କର ଗୌଡ଼ାଙ୍କ କହିବା କଥା ଯେ ସେ ସିଧାସଳଖ ଚାଷୀଙ୍କ ଠାରୁ ନଗଦ ପରିବା କିଣନ୍ତି। ଏହାକୁ ସେ ନିଜର ଛୋଟ ଦୋକାନରେ ବିକ୍ରି କରି ପରିବାର ଚଳାନ୍ତି। ଏବେ ଲୋକମାନେ ନଗଦ ଟଙ୍କାର ଖୁବ କମ ବ୍ୟବହାର କରୁଥିବାରୁ ତାଙ୍କର ଅଧିକାଂଶ ଗ୍ରାହକ ଡିଜିଟାଲ ପେମେଣ୍ଟ କରନ୍ତି। ଶଙ୍କର ଗୌଡ଼ା ପ୍ରତିବର୍ଷ ଆୟକର ରିଟର୍ଣ୍ଣ ଦାଖଲ କରିବା ସହ ଏହାର ସମସ୍ତ ରେକର୍ଡ ନିଜ ପାଖରେ ରଖିଛନ୍ତି। ଏବେ ସେ ଭାବୁଛନ୍ତି ଯେ କେମିତି ୨୯ ଲକ୍ଷ ଟଙ୍କା ଦେବେ। କାରଣ ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପାଇଁ ସମ୍ଭବ ନୁହେଁ ବୋଲି ଶଙ୍କର ଗୌଡ଼ା କହିଛନ୍ତି।

କ୍ଲିୟର ଟ୍ୟାକ୍ସ ଅନୁସାରେ, ସଜ ଓ ଥଣ୍ଡା ପରିବା ଜିଏସ୍‌ଟି ଅଧୀନରେ ଟିକସ ଯୁକ୍ତ ନୁହନ୍ତି। ଯଦି ଜଣେ ଭେଣ୍ଡର ସିଧାସଳଖ ଚାଷୀଙ୍କ ଠାରୁ ପରିବା କିଣୁଛନ୍ତି ଓ ଏହାକୁ ସେହି ରୂପରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି, ତା'ହେଲେ ଏହା ଉପରେ କୌଣସି ଜିଏସଟି ଲାଗିବ ନାହିଁ।

ନିକଟରେ କର୍ଣ୍ଣାଟକା ଜିଏସ୍‌ଟି ବିଭାଗ କହିଥିଲା ଯେ ସେମାନେ ଡିଜିଟାଲ ପେମେଣ୍ଟ ଗ୍ରହଣ କରୁଥିବା ବ୍ୟବସାୟୀଙ୍କ ଉପରେ ନଜର ରଖିଛନ୍ତି। ୨୦୨୫ ମସିହା ଜୁଲାଇ ୧୨ରେ ବିଭାଗ ଘୋଷଣା କରିଥିଲା ଯେ ଯଦି କୌଣସି ବ୍ୟବସାୟୀଙ୍କ ଆୟ ଜିଏସଟି ସୀମା ଅତିକ୍ରମ କରିବ, ତା'ହେଲେ ସେମାନେ ଯଦି ପଞ୍ଜୀକରଣ କରିବେ ନାହିଁ କିମ୍ବା ଟିକସ ଦେବେ ନାହିଁ, ତେବେ ସେମାନଙ୍କୁ ନୋଟିସ କରାଯିବ। ଏହି ଘୋଷଣା ପରେ ଶଙ୍କର ଗୌଡ଼ାଙ୍କ ଭଳି ଛୋଟ ଛୋଟ ବ୍ୟବସାୟୀମାନେ ୟୁପିଆଇ ପେମେଣ୍ଟ ଗ୍ରହଣ କରିବା ବନ୍ଦ କରି ଦେଇଛନ୍ତି। ସେମାନେ କେବଳ ନଗଦ ଟଙ୍କା ନେଉଛନ୍ତି।

୨୦୨୫ ମସିହା ଜୁଲାଇ ୧୭ରେ କର୍ଣ୍ଣାଟକା ଜିଏସ୍‌ଟି ବିଭାଗ କହିଛି ଯେ ବ୍ୟବସାୟୀମାନେ ୟୁପିଆଇରେ ଟଙ୍କା ଗ୍ରହଣ କରିବାକୁ ପଛ ଘୁଞ୍ଚା ଦେଉଛନ୍ତି। ସେମାନେ ନଗଦ ଟଙ୍କା ଉପରେ ଫୋକସ କରୁଛନ୍ତି। କିନ୍ତୁ ଏକଥା ବିଭାଗ ଜାଣିଛି। ମୋଟ ଆୟ ଉପରେ ଟିକସ ଲାଗୁ ହେବ। ଯଦି ବ୍ୟବସାୟୀମାନେ ନଗଦ କାରବାର ଜରିଆରେ ନିଜ ଆୟକୁ ଲୁଚାଇ ଟିକସ ଫାଙ୍କିବେ, ତା'ହେଲେ ସେମାନଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଢ଼ିଚାଲିଛି ବାଂଲାଦେଶ ବାୟୁସେନା ବିମାନ ଦୁର୍ଘଟଣା ମୃତକଙ୍କ ସଂଖ୍ୟା, ଏଯାଏଁ ୧୯ ମୃତ

ଢାକା : ବାଂଲାଦେଶ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ । ବଢ଼ିଚାଲିଛି ମୃତକଙ୍କ ସଂଖ୍ୟା । ଘଟଣାରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ପିଲା ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ୬ଟି ହସପିଟାଲରେ ଭର୍ତ୍ତି କରାଯାଇଛି । ସୋମବାର ଦ୍ୱିପ୍ରହର ସମୟରେ ବାଂଲାଦେଶ ବାୟୁସେନାର ଋ୭ ଟ୍ରେନିଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଢାକାର ଉତ୍ତରାରେ ଥିବା ଦିଆବାରି ଅଞ୍ଚଳରେ ମାଇଲଷ୍ଟୋନ ସ୍କୁଲ ଆଣ୍ଡ କଲେଜ ପରିସରରେ ବିମାନଟି ଖସିପଡ଼ିଛି । ବିମାନ କଲେଜ ବିଲ୍ଡିଂରେ ଧକ୍କା ହୋଇଛି । ଦୁର୍ଘଟଣା ସମୟରେ କଲେଜରେ ପିଲାମାନେ ଉପସ୍ଥିତ ଥିବା କୁହାଯାଉଛି । ତେଣୁ



ମୃତକଙ୍କ ସଂଖ୍ୟା ଆହୁରି ବଢିପାରେ ବୋଲି ଅନୁମାନ କରାଯାଉଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି । ଅଧିକାରୀଙ୍କ କହିବାନୁସାରେ, ବିମାନଟି ଦିନ ପ୍ରାୟ ୧:୦୬ରେ ଉଡ଼ାଣ ଭରିଥିଲା ଏବଂ ଏହାର ତୁରନ୍ତ ପରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବିମାନଟି ସ୍କୁଲ୍ ଗେଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ବିମାନରେ ନିଆଁ ଲାଗିଯାଇଥିଲା । ନିଆଁ ଲିଭାଇବା ପାଇଁ ଆଠଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା । ବର୍ତ୍ତମାନ ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏଫ-୭ ବିମାନଟି ଚୀନର ଚେଙ୍ଗଡୁ ଏୟାରକ୍ରାଫ୍ଟ କର୍ପୋରେସନ ଦ୍ୱାରା ତିଆରି କରାଯାଇଛି । ଏହା ସୋଭିଏତ୍ ୟୁନିଅନର ମିଗ-୨୧ର ଏକ ଶସ୍ତା ଚୀନ ସଂସ୍କରଣ, ଯାହାକୁ ଚୀନ୍ ଶସ୍ତାରେ ଏବଂ ଦ୍ରୁତ ଉତ୍ପାଦନ ଆଧାରରେ ଅନେକ ଦେଶକୁ ବିକ୍ରି କରିଥିଲା।

### ତାଜିକିସ୍ତାନରେ ଶକ୍ତିଶାଳୀ ଭୂକମ୍ପ

ତାଜିକିସ୍ତାନ: ଭାରତ ପରେ ଆଲସ୍କା ଏବଂ ତାଜିକିସ୍ତାନରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଯାହା ଜନ ଜୀବନକୁ କ୍ଷତି ପହଞ୍ଚାଉଛି । ମିଆଁମାରରେ ହୋଇଥିବା ଭୂକମ୍ପ ଯୋଗୁଁ ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଛି । ଏପର୍ଯ୍ୟନ୍ତ କ୍ଷୟକ୍ଷତି ସୂଚନା ନାହିଁ । ସୂଚନାନୁଯାୟୀ, ସୋମବାର ଅର୍ଥାତ୍ ଆଜି ତାଜିକିସ୍ତାନରେ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୪.୬ ରହିଥିଲା । ତାଜିକିସ୍ତାନରେ ପ୍ରାୟ ୪.୪୩ ମିନିଟରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୨୩ କିଲୋମିଟର ଗଭୀରତାରେ ଥିଲା । ସେହିପରି ଭାବେ ଆଲାସ୍କାରେ ମଧ୍ୟ ଭୂକମ୍ପ ହୋଇଛି । ଭାରତୀୟ ସମୟାନୁସାରେ ପ୍ରାୟ ୩. ୫୮ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର ତୀବ୍ରତାକୁ ରେକର୍ଡ କରାଯାଇଥିଲା । ଆସ୍କା ଭୂକମ୍ପରେ ତୀବ୍ରତା ୬.୨ ରହିଥିଲା । ଏହା ସହିତ ଏହାର କେନ୍ଦ୍ରସ୍ଥଳ ୪୮ କିଲୋମିଟର ଗଭୀରତାରେ ଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ଆଲାସ୍କାରେ ୫୪.୯୯ ଅକ୍ଷାଂଶ ଏବଂ ୧୫୯.୯୮ ଦ୍ରାଘିମାରେ ଥିଲା ।

## ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା, ୭ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ, ରାସ୍ତା ବନ୍ଦ

ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ସୋମବାର ଅନେକ ଉପଖଣ୍ଡର ସମସ୍ତ ଶିକ୍ଷାନୁଷ୍ଠାନରେ ଛୁଟି ଘୋଷଣା କରାଯାଇଛି । ଚମ୍ବା ଜିଲ୍ଲାରେ ବର୍ଷାର ତାଣ୍ଡବ ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଅନେକ ସ୍ଥାନରେ ଭୂସ୍ଖଳନ ଯୋଗୁଁ ରାସ୍ତା ବନ୍ଦ ହୋଇଯାଇଛି । ଚମ୍ବାର ତିସାରେ ବାଦଲ ଫଟା ବର୍ଷା ଯୋଗୁଁ ଏକ ପୋଲ ଏବଂ ରାସ୍ତା ଧୋଇଯାଇଛି । ହିମାଚଳର ୨ରୁ ୭ଟି ଜିଲ୍ଲାର କିଛି ଅଞ୍ଚଳରେ ୨୧ରୁ ୨୩ ଜୁଲାଇ ଯାଏଁ ପ୍ରବଳ ବର୍ଷା ଅନୁମାନ କରାଯାଉଛି । ଏଥିପାଇଁ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଯ ଜାରି କରିଛି । ରାଜ୍ୟର ମଣ୍ଡି, କାଙ୍ଗଡ଼ା, ଚମ୍ବା, ସିମଲା, ସିରମୌର, ସୋଲାନ, ଉନା, ବିଳାସପୁର, ହମିରପୁର ଏବଂ କୁଲୁ ଜିଲ୍ଲାରେ ନିରନ୍ତର ପ୍ରବଳ ବର୍ଷା



ହେଉଛି । ପ୍ରବଳ ବର୍ଷା ଯୋଗୁଁ ଯାତାୟତରେ ବାଧା ଉପୁଜିଛି । ପାଖାପାଖି ୧୪୨ ରାସ୍ତା ବନ୍ଦ ରହିଛି ଏଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଝଉଗ ଗୋଟିଏ ଦିନ ଛୁଟି ଘୋଷଣା କରିଛନ୍ତି । ଆଜି ସିମଲା, ସିରମୌର, ଚମ୍ବା, କାଙ୍ଗଡ଼ା ଏବଂ ମଣ୍ଡି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ପାଇଁ ପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ, କାଙ୍ଗଡ଼ାରେ ସର୍ବାଧିକ ୧୪୭ ମିମି ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗ ଆଗାମୀ ୭୨ ଘଣ୍ଟା ପାଇଁ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି । ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛି । ଲଗାତାର ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ଉପୁଜିଛି । ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ସତର୍କ ରହିବାକୁ କୁହାଯାଇଛି । ଦରକାର ନଥିଲେ ଯାତ୍ରା କରିବାକୁ ବାରଣ କରାଯାଇଛି ।

## ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା: ମିଳିଲାନି ଠୋସ୍ ପ୍ରମାଣ, ୧୧ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ମୁମ୍ବାଇ : ୨୦୦୬ରେ ଘଟିଥିବା ମୁମ୍ବାଇ ଲୋକାଲ୍ ଟ୍ରେନ୍ ବିସ୍ଫୋରଣ ମାମଲାରେ ଐତିହାସିକ ରାୟ ଶୁଣାଇଛନ୍ତି ବମ୍ବେ ହାଇକୋର୍ଟ । ଦୀର୍ଘ ୧୯ ବର୍ଷ ପରେ ଆସିଲା ରାୟ । ଏହି ମାମଲାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ୧୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୧ ଜଣଙ୍କୁ ହାଇକୋର୍ଟ ମୁକ୍ତ କରିଛନ୍ତି । ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଆବେଦନ ପ୍ରକ୍ରିୟା ସମୟରେ ମୃତ୍ୟୁବରଣ କରିଥିଲେ । ହାଇକୋର୍ଟଙ୍କ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, ମାମଲାରେ ଉପସ୍ଥାପିତ ପ୍ରମାଣ ନିର୍ଭରଯୋଗ୍ୟ ନୁହେଁ । ଅନେକ ସାକ୍ଷୀଙ୍କ ସାକ୍ଷ୍ୟ ସନ୍ଦେହ ଘେରରେ ଥିଲା । କୋର୍ଟ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ବଳପୂର୍ବକ ପଚରାଉଚରା କରାଯାଇଥିଲା ଏବଂ ସେମାନଙ୍କର ବୟାନ ନିଆଯାଇଥିଲା, ଯାହା ଆଇନଗତ ଭାବରେ ବୈଧ ନୁହେଁ । ଅଦାଲତ କହିଛନ୍ତି ଯେ, ଅଭିଯୁକ୍ତଙ୍କ ବିରୁଦ୍ଧରେ ଉପସ୍ଥାପିତ ପ୍ରମାଣରେ ଗମ୍ଭୀର ତ୍ରୁଟି ରହିଥିଲା । ଝଓ ପରେଜ୍ଞ ଚ୍ୟାଲେଞ୍ଜ କରିବା ପାଇଁ ପ୍ରତିରକ୍ଷାର ଯୁକ୍ତିକୁ ଯଥାର୍ଥ ବୋଲି ବିବେଚନା କରାଯାଇଥିଲା । କିଛି ସାକ୍ଷୀ ବର୍ଷ ବର୍ଷ ଧରି ନୀରବ ରହିଲେ ଏବଂ ତା'ପରେ ହଠାତ୍ ଅଭିଯୁକ୍ତଙ୍କୁ ଚିହ୍ନଟ କଲେ । ଯାହା ଅବିଶ୍ୱାସ ସୃଷ୍ଟି କରିଥିଲା । ପୂର୍ବରୁ ଅନେକ ସାକ୍ଷୀ ସମାନ ମାମଲାରେ ହାଜର ହୋଇଥିଲେ, ଯାହା ସେମାନଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲା । ସୂଚନାଯୋଗ୍ୟ, ୨୦୦୬ରେ ଜୁଲାଇ ୧୧ ତାରିଖରେ ମୁମ୍ବାଇ ଲୋକାଲ ଟ୍ରେନରେ ୧୧ ମିନିଟ ଭିତରେ ୭ଟି ସ୍ଥାନରେ ବିସ୍ଫୋରଣ ହୋଇଥିଲା । ମୁମ୍ବାଇ ବିସ୍ଫୋରଣରେ ୧୮୯ ଜଣଙ୍କ ମୃତ୍ୟୁ ସହିତ ୮୨୭ ଜଣ ଯାତ୍ରୀ ମଧ୍ୟ ଗୁରୁତର ଆହତ ହୋଇଥିଲେ । ୧୧ ଜୁଲାଇରେ ମାତ୍ର ୧୧ ମିନିଟରେ ୭ଟି ବିସ୍ଫୋରଣ ହୋଇଥିଲା । ସେସନ୍ସ କୋର୍ଟର ନିଷ୍ପତ୍ତି ପରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯେଉଁଠାରେ ସେମାନଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯାଇଥିଲା ।

## ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ, ଜୀବନ ବିକଳରେ ପାଣିକୁ ଡେଇଁଲେ ଯାତ୍ରୀ

ଇଣ୍ଡୋନେସିଆରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ଜାହାଜରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ସେଥିରେ ୩୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିବା ଜଣାପଡିଛି । ନିଜ ଜୀବନ ବଞ୍ଚାଇବା ପାଇଁ ଜାହାଜରୁ ଅନେକ ଯାତ୍ରୀମାନେ ମଧ୍ୟ ଡେଇଁ ପଡ଼ିଛନ୍ତି । ସେମାନଙ୍କ ମଧ୍ୟରୁ ୨୮୦ ଜଣଙ୍କୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ସ୍ଥାନାନ୍ତର କରିବାର ପ୍ରୟାସ ଜାରି ରହିଛି । ଯାହାର ଭିଡିଓ ସାମ୍ନାକୁ ଆସିଛି । ସୂଚନାନୁଯାୟୀ, ଜାହାଜଟି ତାଲାଉଡ୍ ଦ୍ୱୀପ ଜିଲ୍ଲାରୁ ଉତ୍ତର ସୁଲାୱେସି ପ୍ରଦେଶର ମାନାଡୋ ଅଭିମୁଖେ ଯାଉଥିବା ବେଳେ ତାଲିସେ ନିକଟରେ ଜାହାଜରେ ନିଆଁ ଲାଗିଯାଇଥିଲା ବୋଲି ଇଣ୍ଡୋନେସିଆନ ଫ୍ଲିଟ୍ କମାଣ୍ଡର



ଭାଇସ୍ ଆଡମିରାଲ୍ ଡେନେହ ହେଣ୍ଡ୍ରାଟା କହିଛନ୍ତି । ଉଦ୍ଧାର କାର୍ଯ୍ୟ ପାଇଁ ତିନୋଟି ନୌସେନା ଜାହାଜକୁ ନିୟୋଜିତ କରାଯାଇଥିଲା । ଏପର୍ଯ୍ୟନ୍ତ ୨୮୪ ଜଣ ଯାତ୍ରୀଙ୍କ ସମେତ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଏହି ଉଦ୍ଧାର କାର୍ଯ୍ୟ ପ୍ରକ୍ରିୟାରେ ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ ସାମିଲ ରହିଛନ୍ତି । ଯେଉଁମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବା କିଛି ବଞ୍ଚିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ । ଏଥି ସହିତ ସେହି ଭିଡିଓରୁ ଦେଖିବାକୁ ମିଳିଛି ଯେ, ଅଗ୍ନିକାଣ୍ଡ ଘଟିବାରୁ ଜାହାଜଟି ଜଳି ଯାଇଥିଲା । ଫଳରେ ଆକାଶ ଧୂଆଁମୟ ହୋଇଯାଇଥିଲା । ଅନ୍ୟପଟେ ଜୀବନ ବିକଳରେ କିଛି ଲୋକ ଲାଇଫ ଜ୍ୟାକେଟ ପିନ୍ଧି ସମୁଦ୍ର ଭିତରକୁ ଡେଇଁପଡିଥିଲେ । ଆଉ କିଛି ଲୋକ ଟ୍ୟୁବ ସହାୟତାରେ ସମୁଦ୍ରରେ ପହଁରି କୂଳକୁ ଆସିବାକୁ ଉଦ୍ୟମ କରୁଥିଲେ । ଯାହାର ସମ୍ପୂର୍ଣ୍ଣ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ଖବର ପାଇବା ପରେ ତୁରନ୍ତ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଉଦ୍ଧାରକାରୀମାନେ ଜଣେ ଗର୍ଭବତୀ ମହିଳାଙ୍କ ସମେତ ୫ଟି ମୃତଦେହ ଉଦ୍ଧାର କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ସେନେଇ ତଦନ୍ତ ଚାଲିଛି ।

## ପୁଣି ବଡ଼ ଅଘଟଣ: ରନୱେରେ ଖସିପଡ଼ିଲା ବିମାନ

ମୁମ୍ବାଇ : କୋଚିରୁ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରିବା ସମୟରେ ରନୱେରେ ଖସି ପଡ଼ିଛି। ପ୍ରବଳ ବର୍ଷା ଯୋଗୁ ହୋଇଥିବା ଏହି ଦୁର୍ଘଟଣାରେ ବିମାନର ତିନୋଟି ଟାୟାର ଫାଟି ଯାଇଛି। ଆଶ୍ୱସ୍ତିର କଥା ହେଉଛି ଯେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ଏହି ଘଟଣା ସମୟରେ ମୁମ୍ବାଇରେ ପ୍ରବଳ ବର୍ଷା ହେଉଥିଲା, ଯାହା ଅବତରଣ କରିବା ବହୁତ କଷ୍ଟକର ଥିଲା ଏବଂ ଏହି କାରଣରୁ ଏୟାର ଇଣ୍ଡିଆର ବିମାନ ଇଓ୨୭୪୪ ରନୱେରେ ଖସି ପଡ଼ିଥିଲା। ଏୟାରଲାଇନ୍ସ ସୁରକ୍ଷିତ ଭାବରେ ଗେଟ ନିକଟକୁ ଟାକ୍ସି କରିଥିଲା ଏବଂ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କୁ ବିମାନରୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। କେହି ଆହତ ହୋଇଥିବାର କୌଣସି ଖବର ନାହିଁ। ଏୟାର ଇଣ୍ଡିଆ ଏହି ଘଟଣା ସମ୍ପର୍କରେ ଏକ ବିବୃତ୍ତି ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ, ବିମାନକୁ ତଦନ୍ତ ପାଇଁ ଅସ୍ଥାୟୀ ଭାବରେ ଗ୍ରାଉଣ୍ଡ କରାଯାଇଛି ଏବଂ ସମସ୍ତ ସୁରକ୍ଷା ମାନଦଣ୍ଡ ପାଳନ କରାଯାଉଛି।

# ନିଦରୁ ଉଠି ଚିତ୍କାର କରୁଛନ୍ତି, ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରୁ ବଞ୍ଚିଯାଇଥିବା ଏକମାତ୍ର ବ୍ୟକ୍ତି

ଅହମଦାବାଦ : ପ୍ରଳାପ କରୁଛନ୍ତି ବିଶ୍ୱାସ କୁମାର । ନିଦରୁ ଉଠି ଚିତ୍କାର କରୁଛନ୍ତି । ଭୁଲିପାରୁନାହାନ୍ତି ସେ ଛାତିଥରା ଦୁର୍ଘଟଣାକୁ । ମୃତ୍ୟୁକୁ ଅତି ପାଖରୁ ଦେଖିଥିବା ବିଶ୍ୱାସ କୁମାରଙ୍କ ମୁଣ୍ଡ ଆଉ କାମ କରୁନି । ସେଦିନ ଘଟିଯାଇଥିଲା ବଡ଼ ପ୍ଲେନ ଦୁର୍ଘଟଣା । ଆଖିରୁ ସେ ଭୟଙ୍କର ଚିତ୍ର ହଟୁନି । ମନରୁ ଲିଭୁନି ସେ ଅସହ୍ୟ ଯନ୍ତ୍ରଣା । ଆଜ୍ଞା ହଁ ଆମେ କହୁଛୁ ଅହମଦାବାଦରେ ଘଟିଯାଇଥିବା ବଡ଼ ପ୍ଲେନ ଦୁର୍ଘଟଣାରେ ବଞ୍ଚିଯାଇଥିବା ଏକମାତ୍ର ବ୍ୟକ୍ତି ବିଶ୍ୱାସ କୁମାର ରମେଶଙ୍କ କଥା । ପ୍ଲେନରେ ୧୧ଇ ସିଟରେ ବସିଥିଲେ । ଭାଗ୍ୟ ତାଙ୍କର ଏତେ ଜୋର ଥିଲା, ଯମପୁରରୁ ଫେରିଆସିଲେ । ଆଉ ଏବେ ତାଙ୍କର ଅବସ୍ଥା ବିଷୟରେ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ହଁ ଦର୍ଶକବନ୍ଧୁ, ଅହମଦାବାଦରେ ଘଟିଯାଇଥିବା ବଡ଼ ପ୍ଲେନ ଦୁର୍ଘଟଣାରେ ବଞ୍ଚିଯାଇଥିବା ଏକମାତ୍ର ବ୍ୟକ୍ତି ବିଶ୍ୱାସ କୁମାର



ରମେଶ ବର୍ତ୍ତମାନ ମାନସିକ ରୋଗ ବିଶେଷଜ୍ଞଙ୍କ ଅଧୀନରେ ଚିକିତ୍ସିତ ହେଉଛନ୍ତି । ଜୁନ୍ ୧୨ ତାରିଖରେରେ ଘଟିଥିବା ଏୟାର ଇଣ୍ଡିଆ ଏଆଇ ୭୧୭ ବିମାନ ଦୁର୍ଘଟଣାରେ ଏକମାତ୍ର ବଞ୍ଚିଯାଇଥିବା ବିଶ୍ୱାସ କୁମାର ରମେଶ ଏହି ଭୟଙ୍କର ଯନ୍ତ୍ରଣାଦାୟକ ଅଭିଜ୍ଞତାର ମୁକାବିଲା କରିବା ପାଇଁ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ ସାହାଯ୍ୟ ନେଉଛନ୍ତି, ଯାହା ତାଙ୍କ ସମ୍ପର୍କୀୟ ଭାଇ ଭାଇ ଜଣେ ସୂଚନା ଦେଇଛନ୍ତି । ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସେକେଣ୍ଡ ପରେ ଲଣ୍ଡନ ଯାଉଥିବା ବୋଇଂ ୭୮୭ ଡ୍ରିମଲାଇନର ଖସି ପଡ଼ିବା ସମୟରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ରିଟିଶ ନାଗରିକ ବିଶ୍ୱାସ ଏକମାତ୍ର ବଞ୍ଚିଯାଇଥିବା ବ୍ୟକ୍ତି ଥିଲେ । କିନ୍ତୁ, ତାଙ୍କ ଭାଇ, ଯିଏ ସମାନ ବିମାନରେ ଥିଲେ, ସେ ବିମାନରେ ଥିବା ଅନ୍ୟ ୨୪୧ ଜଣଙ୍କ ସହିତ ଜୀବନ ହରାଇଥିଲେ । ଏହି ଦୁଃଖଦ ଦୁର୍ଘଟଣାରେ, ବିମାନଟି ଏକ ମେଡିକାଲ କଲେଜର କ୍ୟାଣ୍ଟିନ୍ ସହିତ ଧକ୍କା ହେବା ଫଳରେ ଭୂମିରେ ଥିବା ଅନ୍ୟ ୧୯ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ବିଶ୍ୱାସଙ୍କ ଜଣେ ସମ୍ପର୍କୀୟ ଭାଇ ସନି କହିଛନ୍ତି ଯେ ଯଦିଓ ସେ ବଞ୍ଚିଯାଇଛନ୍ତି ସତ, କିନ୍ତୁ ଆଜିକାଲି ସେ ବହୁତ ଜଟିଳ ପରିସ୍ଥିତି ଦେଇ ଗତି କରୁଛନ୍ତି । ସେ ରାତିରେ ଠିକ ସେ ଶୋଇ ପାରୁନାହାଁନ୍ତି କି କାହା ସହିତ କଥା ହେଉନାହାଁନ୍ତି, ସେ ସବୁବେଳେ ଦୁଃଖିତ ଏବଂ ବିଷାଦଗ୍ରସ୍ତ ରହୁଛନ୍ତି । ଅହମଦାବାଦ ପ୍ଲେନ ଦୁର୍ଘଟଣାର ଭୟଙ୍କର ଚିତ୍ର, ମୃତଦେହର ଦୃଶ୍ୟ, ଚାରିପାଖରେ ନିଆଁ ଏବଂ ତାଙ୍କ ଭାଇର ମୃତ୍ୟୁକୁ ସେ ଗ୍ରହଣ କରିପାରୁନାହାନ୍ତି । ସେ କହିଛନ୍ତି ବିଦେଶରେ ରହୁଥିବା ଆମର ସମ୍ପର୍କୀୟଙ୍କ ସମେତ ଅନେକ ଲୋକ ବିଶ୍ୱାସଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବା ପାଇଁ ଆମକୁ ଫୋନ୍ କରନ୍ତି କିନ୍ତୁ ବିଶ୍ୱାସ କାହା ସହିତ କଥା ହୁଅନ୍ତି ନାହିଁ। ୧୭ ଜୁନ୍ ରେ, ବିଶ୍ୱାସଙ୍କୁ ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା ଏବଂ ସେହି ଦିନ ହିଁ ତାଙ୍କ ଭାଇ ଅଜୟଙ୍କ ପାର୍ଥିବ ଶରୀର ଡିଏନଏ ମ୍ୟାଚ ହେବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ୧୮ ଜୁନ୍ ରେ, ବିଶ୍ୱାସ ତାଙ୍କ ଭାଇଙ୍କୁ ମୁଖାଗ୍ନି ଦେଇଥିଲେ । ତେବେ ସେହି ଦୃଶ୍ୟ ପ୍ରକୃତରେ ଖୁବ ଭୟଙ୍କର ଥିଲା । କଳା ମଚମଚ ତା ସାଙ୍ଗକୁ ଟିକେ ଧୂସର ଓ ଜଳୁଥିବା ନିଆଁରୁ ଚାଲି ଚାଲି ଆସି ଭୂଇଁ ଉପରେ ନତ କରି ପଡ଼ିଯାଇଥିଲେ ବିଶ୍ୱାସ ।

# ଭାରତୀୟ ଟିମକୁ ଝଟକା ପରେ ଝଟକା

## ଆକାଶ-ଅର୍ଶଦୀପଙ୍କ ପରେ ଦଳରୁ ବାଦ୍ ପଡ଼ିଲେ ନୀତୀଶ, ସାମିଲ ହେଲେ କମ୍ବୋଜ

ନୂଆଦିଲ୍ଲୀ, ୨୧।୭: ଜୁଲାଇ ୨୩ରୁ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳକୁ ଆଉ ଏକ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆହତ ହେବା ପରେ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି ରବିବାର ଜିମ୍ ସେସନ୍ ସମୟରେ ନୀତୀଶଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ଏଥିପାଇଁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହା ପୂର୍ବରୁ ଖବର ଆସିଥିଲା ଯେ, ଅର୍ଶଦୀପ ସିଂହଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ସେ ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିବେ। ଦ୍ରୁତ ବୋଲର ଆକାଶଦୀପ ମଧ୍ୟ ଆହତ ହୋଇ ଏବେ ବିଶ୍ରାମ ନେଉଛନ୍ତି। ଏହି କାରଣରୁ ଅଂଶୁଲ କମ୍ବୋଜଙ୍କୁ ତାଙ୍କ ସ୍ଥାନରେ ଭାରତୀୟ ଦଳରେ ସାମିଲ କରାଯାଇଛି। ଆକାଶଦୀପ ଦ୍ୱିତୀୟ ଏବଂ ତୃତୀୟ ଟେଷ୍ଟ ଖେଳିଥିବାବେଳେ ଅର୍ଶଦୀପ ଏପର୍ଯ୍ୟନ୍ତ ଏହି ସିରିଜରେ ଖେଳିପାରି ନାହାଁନ୍ତି।

ଆକାଶ ଦୀପ ରୋମାଞ୍ଚକ ଲର୍ଡସ ଟେଷ୍ଟରେ ଆହତ ହୋଇଥିଲେ। ଇଂଲଣ୍ଡ ଦ୍ୱିତୀୟ ପାଳିର ୩୦ତମ ଓଭରରେ ହ୍ୟାରି ବ୍ରୁକ୍ଙ୍କ ସହ ଧକ୍କା ହେବା ପରେ ତାଙ୍କ କଟିଦେଶରେ ଆଘାତ ଲାଗିଥିଲା। ଏହି କାରଣରୁ ମଧ୍ୟ ଆକାଶ ଦୀପ ତୁରନ୍ତ ପଡ଼ିଆ ଛାଡ଼ିଥିଲେ ଏବଂ ଅଧିନାୟକ ଶୁବମନ୍ ଗିଲ୍ ଅନ୍ୟତମ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ବୋଲିଂ ପାଇଁ ଡାକିଥିଲେ। ଆକାଶ ଦୀପ କିଛି ସମୟ ପରେ ପଡ଼ିଆକୁ ଓହ୍ଲାଇଥିଲେ ମଧ୍ୟ ଆଉ ବୋଲିଂ କରି ନଥିଲେ। ସେ



ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ନଥିବାରୁ ଦଳ ଏବେ ଚିନ୍ତାରେ ରହିଛି। ଅନ୍ୟପକ୍ଷରେ ଅର୍ଶଦୀପ ଅଭ୍ୟାସ କରୁଥିଲା ବେଳେ ଆହତ ହୋଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ପ୍ରଥମ ଥର ପାଇଁ ଭାରତୀୟ ଟେଷ୍ଟ୍ ଦଳକୁ ଡାକରା ପାଇଥିବା କମ୍ବୋଜ ଭାରତୀୟ-ଏ ଦଳରେ ସାମିଲ ହୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି।

ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାର ଅତି ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଟେଷ୍ଟ୍ ଖେଳିବାକୁ ଟିମ୍ ଇଣ୍ଡିଆ ଟ୍ରେନ୍ ଯୋଗେ ଲଣ୍ଡନରୁ ମାଞ୍ଚେଷ୍ଟର୍ ପହଞ୍ଚିଛି। ରେଲଷ୍ଟେସନ୍‌ରେ ପାଦ ଥାପିବା ମାତ୍ରେ ଭାରତୀୟ ଖେଳାଳିଙ୍କୁ ସେଠାରେ ଝିପି ଝିପି ବର୍ଷା ସ୍ୱାଗତ କରିଛି। ଏଣୁ ସେମାନେ ପୂର୍ବ ନିର୍ଦ୍ଧାରିତ ଫାଟକରେ ଷ୍ଟେସନ୍ ବାହାରକୁ ନବାହାରି ପଛବାଟ ଦେଇ ହୋଟେଲକୁ ଚାଲି ଯାଇଥିଲେ। ଦଳୀୟ ବସ୍ ଧରିବା ଲାଗି ଭାରତୀୟ ଖେଳାଳି କିନ୍ତୁ ବର୍ଷାରେ ପାଖାପାଖି ୩୦୦ ମିଟର ପର୍ଯ୍ୟନ୍ତ ଚାଲିଚାଲି ଯାଇଥିଲେ। ଅଧିନାୟକ ଶୁବମନ୍ ଗିଲ୍ କିଛି କ୍ଷଣ ବାହାରେ ରହିଥିଲେ ମଧ୍ୟ ଅନ୍ୟ ଖେଳାଳିମାନେ ଦୌଡ଼ାଦୌଡ଼ି ହୋଇ ଦଳୀୟ ବସ୍ ଭିତରକୁ ଚାଲିଯାଇଥିଲେ। ଲର୍ଡସରେ ହୃଦୟ ଭଙ୍ଗା ପରାଜୟ ବରଣ କରିବା ପରେ ଭାରତୀୟ ଖେଳାଳିମାନେ ଆଜି ପର୍ଯ୍ୟନ୍ତ ଲଣ୍ଡନରେ ଥିଲେ। ଲଣ୍ଡନ ନିକଟସ୍ଥ ଛୋଟ ଟାଉନ୍ ବେକେନହାମ୍‌ଠାରେ ଅଭ୍ୟାସ ବି କରିଥିଲେ ସୋମବାରଠାରୁ ଭାରତୀୟ ଦଳ ଚତୁର୍ଥ ଟେଷ୍ଟ୍ ଲାଗି ମାଞ୍ଚେଷ୍ଟର୍ ଓଲ୍ଡ ଟ୍ରଫୋର୍ଡଠାରେ ଅଭ୍ୟାସ କରିବେ। ପ୍ରଥମ ଅଭ୍ୟାସ ଅଧିବେଶନ ବନ୍ଦ ଦ୍ୱାର ଭିତରେ କରାଯିବ ଏବଂ ଗଣମାଧ୍ୟମକୁ ଦୂରେଇ ରଖାଯିବ।

ମାଞ୍ଚେଷ୍ଟର୍ ପହଞ୍ଚିବା ପରେ ଭାରତୀୟ ଖେଳାଳିମାନେ ତୁରନ୍ତ ସେଠାକାର ପ୍ରତିଷ୍ଠିତ ତଥା ଲୋକପ୍ରିୟ ଫୁଟବଲ୍ କ୍ଲବ୍ ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ର ଘରୋଇ ପଡ଼ିଆକୁ ଯାଇ ଫୁଟବଲ୍ ଖେଳିଥିଲେ। ଅଧିନାୟକ ଶୁବମନ୍ ଗିଲ୍ ଓ ଉପଅଧିନାୟକ ରଷଭ ପନ୍ତ ଏହ୍ ଦଳର ଖେଳାଳିଙ୍କ ସହ ଢେର ସମୟ ଧରି ଫୁଟ୍‌ବଲ୍ ଖେଳିଥିଲେ। ସିରାଜ ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ର ପୂର୍ବତନ ଅଧିନାୟକ ତଥା ଚର୍ଚ୍ଚିତ ରକ୍ଷଣଭାଗ ଖେଳାଳି ହ୍ୟାରି ମ୍ୟାଗୁରେଙ୍କୁ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା। ଗିଲ୍ ବି ବ୍ରୁନୋ ଫର୍ଣ୍ଣାଣ୍ଡିଜ୍, ଅମଦ ଡିଏଲୋଙ୍କ ସହ ଫଟୋ ଉଠାଇଥିଲେ। ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା କିଛି ସମୟ ପାଇଁ ମାସନ୍ ମାଉଣ୍ଟ୍ ଓ ମାଗ୍ୟୁରେଙ୍କ ସହ ଅଲୋଚନା କରିଥିଲେ। ଅନ୍ୟପକ୍ଷରେ ପ୍ରଶିକ୍ଷକ ଗେତମ ଗମ୍ଭୀର ମାଞ୍ଚେଷ୍ଟର୍ ୟୁନାଇଟେଡ୍ ପ୍ରବନ୍ଧକ ରୁବେନ୍ ଆମୋରିମ୍‌ଙ୍କ ସହ ଫଟୋ ପୋଜ୍ ଦେଇଥିଲେ। ମାଞ୍ଚେଷ୍ଟର୍ ୟୁନାଇଟେଡ୍‌ର ତାରକାଙ୍କ ସହ ଭାରତୀୟ ଖେଳାଳିଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି।

# ଇତିହାସ ରଚିଲା ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଦଳ

ଭୁବନେଶ୍ୱର, ୨୧।୭ ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ବ୍ୟାଡମିଣ୍ଟନ୍ ଦଳ ପ୍ରଥମ ପଦକ ଜିତି ଇତିହାସ ରଚିଛି। ଭାରତୀୟ ଦଳ ରବିବାର ଏହି ଇଭେଣ୍ଟରେ କାଂସ୍ୟ ପଦକ ଜିତି ନୂଆ ଅଧ୍ୟାୟ ଯୋଡ଼ିଛି। ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ଶକ୍ତିଶାଳୀ ମାଲେସିଆକୁ ୩-୨ରେ ହରାଇ ସେମିଫାଇନାଲ୍‌କୁ ଯାଇଥିଲା। ସେଠାରେ ଚାଇନିଜ୍ ତାଇପେଇଠାରୁ ହାରି ଲୁଜିଂ ସେମିଫାଇନାଲିଷ୍ଟ ଭାବେ କାଂସ୍ୟ ପଦକ ହାସଲ କରିଥିଲା। ଭାରତୀୟ ବ୍ୟାଡମିଣ୍ଟନ୍ ଦଳର ଅଧିକାଂଶ ସଦସ୍ୟ କିଟ୍



ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ କରିବା ଏହି ସଫଳତାକୁ ଆହୁରି ଉଲ୍ଲେଖନୀୟ କରିଛି।

ଏହି ସ୍ମରଣୀୟ ଓ ବିରଳ ସଫଳତାରେ ଖୁସି ଜାହିର କରି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର୍ ଅଚ୍ୟୁତ ସାମନ୍ତ କହିଛନ୍ତି, ଏହା କେବଳ ଭାରତ ପାଇଁ ଐତିହାସିକ ମାଇଲଖୁଣ୍ଟ ନୁହେଁ, ଓଡ଼ିଶା ଓ କିଟ୍ ପାଇଁ ମଧ୍ୟ ଗୌରବର ବିଷୟ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରଥମ ବ୍ୟାଡ୍‌ମିଣ୍ଟନ୍ ପଦକ ଜିତିବା ନେଇ ମୁଁ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଉଛି। ଏହି ପଦକ ବର୍ଷ ବର୍ଷର ପ୍ରସ୍ତୁତି, ଏକାଗ୍ରତା ଓ ସଂସ୍ଥାଗତ ସମର୍ଥନର ଫଳ।

ସୂଚନାଯୋଗ୍ୟ ଯେ ସୋମବାରଠାରୁ ଏହି ପ୍ରତିଯୋଗିତାର ଆଥଲେଟିକ୍ସ ପର୍ଯ୍ୟାୟ ଆରମ୍ଭ ହୋଇଥିଲା ବେଳେ ସବୁ ନଜର ଏବେ ଦେଶର ଦ୍ରୁତତମ ଧାବକ ତଥା କିଟ୍ ଛାତ୍ର ଅନିମେଷ କୁଜୁରଙ୍କ ଉପରେ ରହିଛି। ଅନିମେଷ ୧୦୦, ୨୦୦ ଓ ୪ଗୁଣା ୧୦୦ ରିଲେ ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଶ୍ରୀ ସାମନ୍ତ ଏଥିଲାଗି ତାଙ୍କୁ ଶୁଭକମନା ଜ୍ଞାପନ କରିଛନ୍ତି।

## ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଷଷ୍ଠ ଦିନ

# ଜୋନାଲ ଫାଇନାଲରେ ସୁନ୍ଦରଗଡ ଓ ରାଉରକେଲା

କେନ୍ଦୁଝର, ୨୧।୭ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଂଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏବଂ ସଂଘର୍ଷପୂର୍ଣ୍ଣ ଏହି ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ବାଲେଶ୍ୱର ଜିଲ୍ଲା ବିପରାଉରକେଲ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୁରା ପଏଂଟ ହାସଲ କରିଛି ।

ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ତୃତୀୟ ମିନିଟରେ ଦୁଇ ଦଳ ପଡିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ସୁନ୍ଦରଗଡ଼ ପ୍ରତିପକ୍ଷ ଗୋଲ ପୋଷ୍ଟ ନିକଟରେ ଗୋଲ ଦେବାର ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲା ଏବଂ ସୁନ୍ଦରଗଡ଼ର ଜର୍ସି ନମ୍ବର ୧୩ କରନ କୁଜୁର ଏହାକୁ ହାତଛଡା ନକରି ଦଳ ପକ୍ଷରୁ ଏକ ଚମତ୍କାର ଶଟ ଜରିଆରେ ଏହି ବିଜୟ ସୂଚକ ଗୋଲଟି ଦେଇଥିଲେ । ପରେ ପରେ ବାଲେଶ୍ୱର ଜିଲ୍ଲା ପରସ୍ପର ସହ ବୁଝାମଣା ରକ୍ଷା କରି କେତୋଟି ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେହେଁ ତ୍ରୁଟିପୂର୍ଣ୍ଣ ସୁଟିଂ ଯୋଗୁଁ ଶେଷ ସ୍ୱର୍ଶ ଦେବାରେ ସଫଳ ହୋଇ ପାରିନଥିଲେ ଏବଂ ୧-୦ ଗୋଲରେ ପରାଜୟ ସ୍ୱୀକାର କରିଥିଲେ । ସୁନ୍ଦରଗଡ଼ ଜିଲ୍ଲା ଲିଗ ପର୍ଯ୍ୟାୟରେ ସମୁଦାୟ ୩ଟି ମ୍ୟାଚ ଖେଳି ୩ଟି ବିଜୟ ସହ ସମୁଦାୟ ୯ ପଏଂଟ ହାସଲ କରି 'ଏ' ଗ୍ରୁପ ଲିଗ ଟେବୁଲରେ ଶୀର୍ଷରେ ରହିବା ସହ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି । ଆସନ୍ତା ୨୩ ତାରିଖ ବୁଧବାର ଦିନ ସୁନ୍ଦରଗଡ଼ ଜୋନାଲ ଫାଇନାଲରେ ରାଉରକେଲାକୁ ଭେଟିବ । ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଂଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ଆଜି ଅନୁଷ୍ଠିତ ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଚକ୍ରଧର ଚାଟାର ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ସୁବ୍ରତ ପୁରୋହିତ । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ । ଆସନ୍ତାକାଲି ବିଶ୍ରାମ ଦିବସରେ ତାରିଣୀ ଫୁଟବଲ ଏକାଡେମୀ ଓ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

# ବିସିସିଆଇକୁ ଝଟ୍‌କା : ଇଂଲଣ୍ଡକୁ ଡବ୍ଲୁଟିସି ଅଧିକାର

ନୂଆଦିଲ୍ଲୀ, ୨୧।୭: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍‌ର ପରବର୍ତ୍ତୀ ତିନି ସଂସ୍କରଣ ଆୟୋଜନ ଅଧିକାର ଇଂଲଣ୍ଡକୁ ପ୍ରଦାନ କରିଛି। ଆଇସିସି ନିଜର ବାର୍ଷିକ ସମ୍ମିଳନୀରେ ଏହି ନିଷ୍ପତ୍ତି ନେଇଛି। ଦୁଇ ବର୍ଷର ଚକ୍ର ପୂରା ହେବା ପରେ ୨୦୨୭, ୨୦୨୯ ଓ ୨୦୩୧ରେ ହେବାକୁ ଥିବା ଡବ୍ଲ୍ୟୁଟିସି ଫାଇନାଲ୍ ସମ୍ଭବତଃ ଜୁନ ମାସରେ ଆୟୋଜିତ ହେବ। କିଛି ସମୟ ପୂର୍ବରୁ ବିସିସିଆଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍ ମ୍ୟାଚ୍ ଆୟୋଜନ ନେଇ ବିସିସିଆଇ ଇଚ୍ଛା ପ୍ରକାଶ କରିଥିଲା। ମାତ୍ର ଆଇସିସିର ଏହି ନୂଆ। ଘୋଷଣା ପରେ ବିସିସିଆଇକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍ ଆୟୋଜନର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା ।




ଏହା ପୂର୍ବରୁ ଇଂଲଣ୍ଡ ଆଣ୍ଡ ଓ୍ୱେଲ୍ସ କ୍ରିକେଟ୍ ବୋର୍ଡ(ଇସିବି) ସାଉଥମ୍ପଟନରେ ୨୦୨୧ ଫାଇନାଲ୍(ଭାରତ ବନାମ ନ୍ୟୁଜିଲାଣ୍ଡ), ଲଣ୍ଡନର ଓଭାଲରେ ୨୦୨୩ ଫାଇନାଲ୍ ମ୍ୟାଚ୍(ଭାରତ ବନାମ ଅଷ୍ଟ୍ରେଲିଆ) ଓ ଲର୍ଡ୍ସରେ ୨୦୨୫ର ଫାଇନାଲ(ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ)ର ଆୟୋଜନ କରି ସାରିଛି। କାରଣ ଜୁନ ମାସରେ ଇଂଲଣ୍ଡର ପାଣିପାଗ କ୍ରିକେଟ୍ ପାଇଁ ଅନୁକୂଳ ରହିଥାଏ। ଆଉ ଅଷ୍ଟ୍ରେଲିଆର କ୍ରିକେଟ୍ ସେସନ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥାଏ। ଇଂଲଣ୍ଡ ଏବଂ ସେଠାକାର କ୍ରିକେଟ୍ ପ୍ରଶଂସକ ବି ପ୍ରମାଣିତ କରି ଆସିଛନ୍ତି ଯେ ଡବ୍ଲ୍ୟୁଟିସି ଫାଇନାଲ୍‌ର ଆୟୋଜନ ପାଇଁ ଇଂଲଣ୍ଡ ହିଁ ସର୍ବୋତ୍କୃଷ୍ଟ ସ୍ଥାନ। ଇସିବିର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରିଚାର୍ଡ ଗୋଲ୍ଡ କହିଛନ୍ତି, ଆମେ ବହୁତ ଖୁସି ଯେ, ଇଂଲଣ୍ଡ ଆଣ୍ଡ ଓ୍ୱେଲ୍ସକୁ ଆଗାମୀ ତିନୋଟି ଡବ୍ଲ୍ୟୁଟିସିର ଫାଇନାଲ୍ ଆୟୋଜନ କରିବାର ଅଧିକାର ଦିଆଯାଇଛି।

ସେ କହିଛନ୍ତି, ଫାଇନାଲ୍‌ର ଆୟୋଜନ କରିବାର ସମ୍ମାନର କଥା। ଆମେ ଗତ ସଂସ୍କରଣର ସଫଳତାକୁ ଆଗକୁ ବଢାଇବା ପାଇଁ ଆଇସିସି ସହ ମିଶି କାମ କରିବାକୁ ଉତ୍ସୁକ। ଉଲ୍ଲେଖନୀୟ ଷ୍ଟାଡିୟମରେ ଦର୍ଶକଙ୍କ ଉପସ୍ଥିତି ଦୃଷ୍ଟିରୁ ଟେଷ୍ଟ କ୍ରିକେଟ୍ ଭାରତରେ ସେତେ ଲୋକପ୍ରିୟ ନୁହେଁ। ଫର୍ମାଟ୍ ନୁହେଁ ଯଦି ଭାରତ ଫାଇନାଲ୍‌ରେ ନ ପହଞ୍ଚେ ତେବେ ଡବ୍ଲ୍ୟୁଟିସି ଫାଇନାଲ୍ ମ୍ୟାଚ୍‌ରେ ଷ୍ଟାଡିୟମରେ ଦର୍ଶକଙ୍କ ସଂଖ୍ୟା ନଗଣ୍ୟ ରହିବ। ସବୁ ଦୃଷ୍ଟିରେ ଦେଖିଲେ ଟେଷ୍ଟ କ୍ରିକେଟ୍ ପାଇଁ ଇଂଲଣ୍ଡ ସର୍ବୋତ୍ତମ ସ୍ଥାନ ଭାବେ ନିଜର ପ୍ରତିଷ୍ଠା ବଜାୟ ରଖିଛି।

# ଅଲିମ୍ପିକ ପ୍ରସ୍ତୁତି କରୁଥିବା ଖେଳାଳିଙ୍କୁ ପ୍ରତିମାସରେ ମିଳିବ ୫୦,୦୦୦

ନୂଆଦିଲ୍ଲୀ, ୨୧।୭: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଲିମ୍ପିକ ୨୦୨୬ ପାଇଁ ପ୍ରସ୍ତୁତି ଚଳାଇଥିବା ଆଥଲେଟଙ୍କୁ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଅଲିମ୍ପିକ ପ୍ରସ୍ତୁତି ଚଳାଇଥିବା ପାଖାପାଖି ୩ ହଜାର ଖେଳାଳିଙ୍କୁ ସରକାର ପ୍ରତି ମାସରେ ୫୦ ହଜାର ଟଙ୍କା ଦେଉଛନ୍ତି। ଓ୍ୱାର୍ଲଡ ପୋଲିସ ଆଣ୍ଡ ଫାୟାର ଗେମସ୍-୨୦୨୫ରେ ଅଂଶଗ୍ରହଣ କରିଥିବା ଭାରତୀୟ ଟିମ୍ ର ସମ୍ମାନ ସମାରୋହକୁ ସମ୍ବୋଧିତ



କରି ଶାହ ଏହା କହିଛନ୍ତି ।

ସେ କହିଛନ୍ତି ଯେ ହାର ଅଥବା ଜିତ୍ ଖେଳର ଅଂଶବିଶେଷ ତେବେ ଜିତିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିବା ଓ ଏଥି ପାଇଁ ରଣନୀତି ପ୍ରସ୍ତୁତ କରିବା ପ୍ରତ୍ୟେକଙ୍କ ସ୍ୱଭାବ ହେବା ଆବଶ୍ୟକ ଶାହ କହିଛନ୍ତି ଯେଉଁମାନେ ଜିତିବାକୁ ଅଭ୍ୟାସରେ ପରିଣତ କରିଦିଅନ୍ତି। ସେହିମାନେ ହିଁ କେବଳ ଅସାଧାରଣ ପ୍ରଦର୍ଶନ କରିପାରନ୍ତି। କେନ୍ଦ୍ରମନ୍ତ୍ରୀ ଅଖିଳ ଭାରତୀୟ ପୋଲିସ ଖେଳ ନିୟନ୍ତ୍ରଣ ବୋର୍ଡ ସମ୍ପର୍କିତ ସମସ୍ତ ୟୁନିଟକୁ ଅନ୍ୟୁନ୍ୟ ୩ଟି ପଦକ ଜିତିବାର ଲକ୍ଷ୍ୟ ହାସଲ କରିବାକୁ ନିବେଦନ କରିଛନ୍ତି। ଶାହ କହିଛନ୍ତି ଯେ ଏହି ଉପଲବ୍ଧି ୨୦୨୯ରେ ଗୁଜରାଟରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ୱାର୍ଲଡ ପୋଲିସ ଆଣ୍ଡ ଫାୟାର ଗେମସ୍ ରେ ନୂଆ। କିର୍ତ୍ତିମାନ ସ୍ଥାପନ କରିବ ଅମିତ ଶାହ ଏହା ମଧ୍ୟ କହିଛନ୍ତି ଯେ ପୋଲିସ ଫୋର୍ସ ନିମନ୍ତେ ନିୟମିତ ଖେଳ ଅଭ୍ୟାସ ନା କେବଳ ଉତ୍ତେଜନା ହ୍ରାସ କରିବ ବରଂ ପୋଲିସ କର୍ମଚାରୀଙ୍କ କାମର ମାନ ଉନ୍ନତ କରିବ।

# ରେକର୍ଡ ଅପେକ୍ଷାରେ ଲୋକେଶ ରାହୁଲ

ନୂଆଦିଲ୍ଲୀ, ୨୧।୭: ଭାରତ-ଇଂଲଣ୍ଡ ଚତୁର୍ଥ ଟେଷ୍ଟ୍ ଅବସରରେ ଭାରତୀୟ ଓପନର୍ କେଏଲ୍ ରାହୁଲ ଏକ ଐତିହାସିକ ମାଇଲଖୁଣ୍ଟ ଛୁଇଁବା ଦ୍ୱାର ଦେଶରେ ରହିଛନ୍ତି। ଏହି ୩୧ ବର୍ଷୀୟ ରାହୁଲ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୯,୦୦୦ ରନ୍ ପୂରଣ ପାଇଁ ମାତ୍ର ୬୦ ରନ୍ ଦୂରରେ ରହିଛନ୍ତି। ସମସ୍ତ ଫର୍ମାଟ୍‌ରେ ସେ ୨୧୮ ମ୍ୟାଚ୍ ଖେଳି ୩୯.୭୩ ହାରରେ ୮,୯୪୦ ରନ୍ ସଂଗ୍ରହ କରିଛନ୍ତି। ଭାରତ ସମ୍ପ୍ରତି ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାରେ ୧-୨ରେ ପଛୁଆ ରହିଛି। ରାହୁଲ କିନ୍ତୁ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ରଥମ ୩ ଟେଷ୍ଟରୁ ୬୨.୫୦ ହାରରେ ୩୭୫ ରନ୍ ସଂଗ୍ରହ କରିଛନ୍ତି। ଏହା ଭିତରେ ୨ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଛି।

ଟେଷ୍ଟରେ ରାହୁଲ ୬୧ ମ୍ୟାଚ୍‌ରୁ ୧୦ ଶତକ ସହ ୩୫.୨୬ ହାରରେ ୩,୬୩୨ ରନ୍ ଏବଂ ଦିନିକିଆରେ ୮୫ ମ୍ୟାଚ୍‌ରୁ ୭ ଶତକ ସହ ୪୯.୦୮ ହାରରେ ୩,୦୪୩ ରନ୍ ସଂଗ୍ରହ କରିଛନ୍ତି ଟ୍ୱେଣ୍ଟି-୨୦ରେ ସେ ୭୨ ମ୍ୟାଚ୍‌ରୁ ୩୭.୭୫ ହାରରେ ୨,୨୬୫ ରନ୍ ସଂଗ୍ରହ କରିବା ସହ ଭାରତର ଚତୁର୍ଥ ଅଗ୍ରଣୀ ବ୍ୟାଟର୍ ଅଛନ୍ତି। ମୋଟ ଉପରେ ସେ ଇଂଲଣ୍ଡରେ ୧୨ ଟେଷ୍ଟରୁ ୪୧.୨୦ ହାରରେ ୯୮୯ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୪ ଶତକ ଓ ୨ ଅର୍ଦ୍ଧଶତକ ରହିଛି ଚଳିତ ଗସ୍ତରେ ରାହୁଲ ୬୭୦ ବଲ୍ ଖେଳି ୧୯୯୦ ମସିହା ପରେ ଭରାତୀୟ ଓପନର୍‌ଙ୍କ ମଧ୍ୟରେ ଚତୁର୍ଥକୁ ଉନ୍ନୀତ ହୋଇଛନ୍ତି।

# ଯୁବରାଜଙ୍କ ସ୍ଥାନ ଥିଲା ଅସ୍ପଷ୍ଟ : ଗ୍ୟାରି କର୍ଷ୍ଟେନ

ନୂଆଦିଲ୍ଲୀ, ୨୧।୭: ଟିମ୍ ଇଣ୍ଡିଆ ପାଇଁ ୨୦୧୧ ବିଶ୍ୱକପର ସବୁଠୁ ବଡ଼ ହିରୋ କିଏ ? ସମସ୍ତଙ୍କ ଉତ୍ତର ନିଶ୍ଚିତ ଭାବେ ଯୁବରାଜ ସିଂହ ହେବେ କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ମହାନ ଅଲରାଉଣ୍ଡରଙ୍କ ସ୍ଥାନ ଟିମରେ ପକ୍କା ନଥିଲା ଏହା ଖୁଲାସା ଆଉ କେହି ନୁହେଁ, ବରଂ ଟିମ୍ ଇଣ୍ଡିଆକୁ ୱାର୍ଲ୍ଡ କପ୍ ୨୦୧୧ ବିଜୟୀ କରାଇବାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ମୁଖ୍ୟ କୋଚ୍ ଗ୍ୟାରି କର୍ଷ୍ଟେନ କରିଛନ୍ତି । ଗ୍ୟାରି କର୍ଷ୍ଟେନ କହିଛନ୍ତି ଯେ ଯୁବରାଜ ସିଂହଙ୍କ ଚୟନ ଅଭ୍ୟନ୍ତରୀଣ ବିତର୍କର ବିଷୟ ଥିଲା । ତାଙ୍କୁ ଟିମ୍‌ରେ ରଖାଯିବ କି ନାହିଁ ତାହା ଉପରେ ସ୍ପଷ୍ଟତା ନଥିଲା। ତେବେ କର୍ଷ୍ଟେନ ଓ ଅଧିନାୟକ ଏମ୍‌ଏସ୍ ଧୋନୀ ମହାନ ଅଲାରାଉଣ୍ଡରକୁ ସମର୍ଥନ କରିଥିଲେ।




ଟିମ୍ ଇଣ୍ଡିଆ। ୨୦୧୧ରେ ବିଶ୍ୱକପ୍ ଜିତି ୨୮ ବର୍ଷର ଅପେକ୍ଷା ଶେଷ କରିଥିଲା ଏହା ପୂର୍ବରୁ ଭାରତ ୧୯୮୩ରେ ବିଶ୍ୱ ଚାମ୍ପିଅନ ହୋଇଥିଲା ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା । ଏହି ବିଶ୍ୱକପରେ ବ୍ୟାଟ୍ ଓ ବଲରେ ଦମଦାର ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ୩୬୨ ରନ୍ କରିବା ସହ ୧୫ ୱିକେଟ୍ ନେଇଥିଲେ। ତେବେ ଏହି ପ୍ରଦର୍ଶନ ପଛରେ ତାଙ୍କର କଠିନ ପରିଶ୍ରମ ଓ ବ୍ୟକ୍ତିଗତ ପରିବର୍ତ୍ତନର କାହାଣୀ ମଧ୍ୟ ରହିଛି। ରେଡିଫ୍ ସହ ସାକ୍ଷାତକାରରେ ଗ୍ୟାରି କର୍ଷ୍ଟେନ କହିଛନ୍ତି, ସୌଭାଗ୍ୟକୁ ଆମେ ତାଙ୍କୁ ଚୟନ କରିଥିଲୁ, କାରଣ ମୁକାବିଲା ଜୋରଦାର ଥିଲା ମୁଁ ତାଙ୍କୁ ଟିମରେ ନେବା ପାଇଁ ଇଚ୍ଛୁକ ଥିଲି, ଧୋନୀ ମଧ୍ୟ କାରଣ ତାଙ୍କ ପାଖରେ ଅନୁଭବ ଥିଲା, ଆଉ ତାଙ୍କ ବିଶ୍ୱକପ ପ୍ରଦର୍ଶନ ସମସ୍ତେ ଦେଖିଲେ। ଯୁବରାଜଙ୍କୁ ମୁଁ ସବୁବେଳେ ପ୍ରସନ୍ଦ କରେ ବେଳେବେଳେ ଯୁବରାଜ ମୋତେ ବିରକ୍ତ କରାଉଥିଲେ, କିନ୍ତୁ ମୁଁ ତାଙ୍କୁ ପସନ୍ଦ କରେ ସେ ଜଣେ ଭଲ ଖେଳାଳି। ମୁଁ ଚାହୁଁଥିଲି, ସେ ସବୁବେଳେ ରନ୍ କରନ୍ତୁ, କାରଣ ତାଙ୍କ ବ୍ୟାଟିଂ ଦେଖିବା ସବୁବେଳେ ଉଦ୍ଭୂତ ଗ୍ୟାରି କର୍ଷ୍ଟେନ ଯୁବରାଜଙ୍କ ଏହି ସଫଳ ଯାତ୍ରାର ଶ୍ରେୟ ଭାରତର ତତ୍କାଳୀନ ମେଣ୍ଟାଲ କଣ୍ଡିସନିଙ୍ଗ କୋଚ୍ ପ୍ୟାଡି ଅପ୍ଟନଙ୍କୁ ଦେଇଛନ୍ତି। ଯୁବରାଜଙ୍କୁ ମାନସିକ ରୂପେ ମଜଭୁତ କରିବା ପାଇଁ ପ୍ୟାଡି ଅନେକ କାମ କରିଥିଲେ।

# ଢେଙ୍କାନାଳ ସୁବର୍ଣ୍ଣପୁର ମ୍ୟାଚ ଡ୍ର

କେନ୍ଦୁଝର, ୨୧।୭ : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଂଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜି ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳର କୌଣସି ଗୁରୁତ୍ୱ ନଥିଲା। ଆଜି ଅନୁଷ୍ଠିତ ଏହି ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଦୁଇ ଦଳର ରାକ୍ଷଣଭାଗ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲେ। ଏହି ଅନ୍ତିମ ଖେଳଟି ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବାରୁ ଉଭୟ ଦଳ ପଏଂଟ ଭାଗ କରିଥିଲେ।

ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜକୁମାର ମିଶ୍ର, ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଂଚାସିନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବାବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ